● ଶିବା ହତ୍ୟା ଘଟଣା

## ସାକ୍ଷୀଙ୍କୁ ସୁରକ୍ଷା ଦେବାକୁ ଯାଇ ଅପହରଣ ନାଟକ

ବ୍ରହ୍ମପୁର, ୮ ।୪(ସମିସ): ସଦର ଥାନା ଅନ୍ତର୍ଗତ ଲାଞ୍ଜିଆ ଗ୍ରାମରୁ ଆଜି ପୂର୍ବାହ୍ନରେ ଜଣେ ୮୦ବର୍ଷୀୟ ବୃଦ୍ଧାକୁ ଅପହରଣ କରି ନିଆଯାଇଥିବା ଅଭିଯୋଗ ହୋଇଥିଲା। ସକାଳ ପ୍ରାୟ ସାଢେ ୭ଟା ମଧ୍ୟରେ ଏକ ଧଳା ରଙ୍ଗର ବୋଲେରୋ ଗାଡ଼ିରେ ୫ରୁ ୬ଜଣ ଯୁବକ ଆସି ବୃଦ୍ଧା ପ୍ରଫୁଲ୍ଲ ଚୌଧୁରୀଙ୍କୁ ଘରୁ ଉଠାଇ ନେଇଥିବା ରାଧାକୃଷ୍ଣ ଚୌଧୁରୀ ଅଭିଯୋଗ କରିଛନ୍ତି।



ତେବେ କିଏ ଏବଂ କାହିଁକି ପ୍ରଫୁଲ୍ଲଙ୍କୁ ଅପହରଣ କରିନେଲେ ଏବଂ କୁଆଡ଼େ ନେଲେ ତାକୁ ନେଇ ସମ୍ପୃକ୍ତ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳିଯାଇଥିଲା। ଏନେଇ ପରିବାର ଲୋକେ ସଦର ଥାନାକୁ ଖବର ଦେଇଥିଲେ। ପରବର୍ତ୍ତି ସମୟରେ ବହୁ ଖୋଜାଖୋଜି ପରେ ଦୀର୍ଘ ୬ଘଣ୍ଟା ପରେ ପୁଲିସ ଅପହୃତା ପ୍ରଫୁଲ୍ଲଙ୍କୁ ସୁରକ୍ଷିତ ଉଦ୍ଧାର କରି ଘରେ ଛାଡିଥିବା ପ୍ରଫୁଲ୍ଲଙ୍କ ପରିବାର ପକ୍ଷରୁ କୁହାଯାଇଛି।

ପ୍ରକାଶ ଯୋଗ୍ୟ ଯେ' ଗତ ସେପ୍ଟେମ୍ବର ୧୬ରେ ସଦର ଥାନା ଅନ୍ତର୍ଗତ ଲାଞ୍ଜିଆ ଗ୍ରାମର ଶିବାଶିଷ ଚୌଧୁରୀ ଓରଫ ଶିବାଙ୍କୁ ହତ୍ୟା କରିବା ପରେ ଡେଙ୍ଗାପଦର ବଜାର ଛକ ନିକଟସ୍ଥ ପୋଖରୀରେ ଫୋପାଡି ଦିଆଯାଇଥିଲା। କୋର୍ଟରେ ଏହି ମାମଲାର ସାକ୍ଷ୍ୟ ଗ୍ରହଣ ଜାରି ରହିଛି। ସାକ୍ଷୀଙ୍କୁ ସୁରକ୍ଷା ଦେବାକୁ ମୃତ ଶିବାଙ୍କ ସମର୍ଥକମାନେ ପୁଲିସକୁ ଅବଗତ କରିଆସୁଥିଲେ। ମାମଲାକୁ ରଫାଦଫା କରିବାକୁ ଯାଇ ଅଭିଯୁକ୍ତଙ୍କ ପକ୍ଷରୁ ସାକ୍ଷୀଙ୍କୁ ଭୟଭୀତ କରି ସାକ୍ଷ୍ୟ ନଦେବାକୁ ଧମକ ଆସୁଥିବା ଅଭିଯୋଗ ରହିଛି। ଯାହାକୁ ନେଇ ସାକ୍ଷୀଙ୍କ ପକ୍ଷରୁ ମଧ୍ୟ ପୁଲିସ ସୁରକ୍ଷା ଦାବି କରାଯାଇଛି। ଗତକାଲି ମୃତ ଶିବାଙ୍କ ପିତା ରାମକୃଷ୍ଣ ଚୌଧୁରୀ ସାକ୍ଷୀ ପ୍ରତ୍ୟାହୃତ କରିଦେବା ପରେ ଅନ୍ୟ ସାକ୍ଷୀଙ୍କୁ ଶିବାଙ୍କ ସମର୍ଥକମାନେ ନିଜ ଅଧୀନରେ କୁଆଡେ ରଖିଥିଲେ। ଆଜି କୋର୍ଟରେ ସାକ୍ଷ୍ୟ ଗ୍ରହଣ ସମୟ ଶେଷ ହେବାପରେ ମୃତ ଶିବାଙ୍କ ମା'ଙ୍କୁ ଛାଡି ଦେଇଥିବା ଜଣାପଡ଼ିଛି। ସେପଟେ ମୃତ ଶିବାଙ୍କ ମା'ଙ୍କୁ ଅପହରଣ ନେଇ ଚର୍ଚ୍ଚା ହୋଇଥିଲେ ହେଁ ଏନେଇ ଥାନାରେ କୌଣସି ମାମଲା ରୁଜୁ ହୋଇନଥିବା ଥାନା ଅଧିକାରୀ ସନ୍ତୋଷ କୁମାର ବେହେରା କହିଛନ୍ତି। ଏହି ଶିବା ହତ୍ୟାକାଣ୍ଡ ଘଟଣାରେ ପୂର୍ବରୁ ଦକ୍ଷିଣପୁର ଗ୍ରାମର ଦୁର୍ଦ୍ଧାନ୍ତ ଅପରାଧୀ ସନ୍ତୋଷ ଗୌଡ଼, ଆସିକା ରୋଡ଼ ସୀତାରାମ ସାହିର ଅମିତ ଗୌଡ଼ ଓ ପାଣିଗ୍ରାହୀପେଣ୍ଟ ସାହି ଆନନ୍ଦ ନଗରର କାହ୍ନା ସେଠୀ, ଲାଞ୍ଜିଆ ଗ୍ରାମର ସନ୍ତୋଷ ଗୌଡ଼ ଓରଫ ବାବୁ, ସୁକାନ୍ତ ନାୟକ ଓ ତାଙ୍କ ସାନ ଭାଇ ଶିବା ନାୟକ ଓ ଦକ୍ଷିଣପୁରର ରାମକୃଷ୍ଣ ନାହାକ ଓରଫ ବୁଲୁ ଗିରଫ ହୋଇଥିଲେ।

## ଜଳିଗଲା ଗଞ୍ଜେଇ ବୋଝେଇ କାର୍



ପୋଲସରା, ୮ ।୪(ସମିସ): ପୋଲସରା ଥାନା ନରସିଂହପଲ୍ଲୀ ସ୍ଥିତ ବିଦେଶୀ ମଦଦୋକାନ ନିକଟରେ ମଙ୍ଗଳବାର ବିଳମ୍ବିତ ରାତିରେ ଏକ କାର୍ ହୁତୁ ହୁତୁ ହୋଇ ଜଳୁଥିବା ଦେଖିବାକୁ ମିଳିଥିଲା। ଉକ୍ତ କାର୍ ଭିତରେ ଗଂଜେଇ ବୋଝେଇ ହୋଇଥିବା ଅବସ୍ଥାରେ ଜଳୁଥିଲା। ତେବେ ଉକ୍ତ କାର୍‌ଟି କାହାର ଏବଂ କିଏ ଏହାକୁ କୁଆଡ଼େ ନେଉଥିଲା ତାହାର ଜଣାପଡ଼ିନାହିଁ। କିନ୍ତୁ ଜଳିଯାଇଥିବା କାର୍ ନିକଟରେ ଗଞ୍ଜେଇ ଦରପୋଡା ଅବସ୍ଥାରେ ପଡ଼ିରହିଥିଲା। ପୋଲସରା ଅଞ୍ଚଳରେ ଦଣ୍ଡଯାତ୍ରା ଚାଲିଥିବା ହେତୁ ଲୋକେ ଯାତ୍ରା ଦେଖିବାକୁ ଯାଉଥିବାବେଳେ କାରଟି ଜଳୁଥିବା ଦେଖି ପୁଲିସକୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କଲାବେଳକୁ କାରଟି ସମ୍ପୂର୍ଣ୍ଣ ଜଳିଯାଇଥିଲା। ଏନେଇ ପୋଲସରା ଥାନାଧିକାରୀ କୌଶିକ ମାଝୀ କହିଛନ୍ତି ଘଟଣାରେ ସମ୍ପର୍କରେ ଥାନାରେ କୌଣସି ଅଭିଯୋଗ ନାହିଁ ତଥାପି ତଦନ୍ତ ଚାଲିଛି। ଖୁବଶୀଘ୍ର ଘଟଣାର ସତ୍ୟାସତ୍ୟ ଜଣାପଡ଼ିବ।

## ଅନ୍‌ଲାଇନ୍ ନିବେଶ ନାଁରେ ୨୦ ଲକ୍ଷ ଠକେଇ

ବ୍ରହ୍ମପୁର, ୮ ।୪(ସମିସ): ଅନଲାଇନ ନିବେଶ ନାଁରେ ଜଣେ ବ୍ୟକ୍ତି ୨୦ ଲକ୍ଷ ଟଙ୍କା ହରାଇଛନ୍ତି। କେ. ନୂଆଗାଁ ଥାନା ଅନ୍ତର୍ଗତ ହିଞ୍ଜଳାପଲ୍ଲୀ ଗ୍ରାମର ଏହି ବ୍ୟକ୍ତି ଜଣଙ୍କ ଜାନୁଆରୀ ମାସରେ ସାମାଜିକ ଗଣମାଧ୍ୟମ ଜରିଆରେ ଅନ୍‌ଲାଇନ ନିବେଶ ତାଲିମ ସମ୍ପର୍କରେ ଜାଣି ପ୍ରଥମେ କିଛି ଟଙ୍କା ଓ ପରେ ୨୦ ଲକ୍ଷ ଟଙ୍କା ନିବେଶ କରିଥିଲେ। ହେଲେ ସେ ଟଙ୍କା ଉଠାଣରେ ବିଫଳ ହେବା ପରେ ସାଇବର ଠକେଇର ଶିକାର ହୋଇଥିବା ଜାଣିବାକୁ ପାଇଥିଲେ। ଏହାପରେ ସେ ସାଇବର ଥାନାରେ ଅଭିଯୋଗ କରିଥିଲେ। ସେହିପରି ସୋରଡା ଅଞ୍ଚଳର ଜଣେ ଯୁବକ ପାର୍ଟଟାଇମ ଚାକିରି ଲୋଭରେ ପଡ଼ି ୨ ଲକ୍ଷ ୪୭ହଜାର ଟଙ୍କା ହରାଇଥିବା ଅଭିଯୋଗ ହୋଇଛି।

ତୃତୀୟ ଦିନରେ ସିଲ୍‌କ ସିଟି ମହୋତ୍ସବ

# 'ସ୍ୱକୀୟ ଶିଳ୍ପକଳା ଓ ସଂସ୍କୃତି ବ୍ରହ୍ମପୁରକୁ ସ୍ୱତନ୍ତ୍ର ପରିଚୟ ଦେଇଛି'






ବ୍ରହ୍ମପୁର, ୮ ।୪(ସମିସ)

ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ଖେଳପଡ଼ିଆରେ ଚାଲିଥିବା ରେଶମ ସହର ମହୋତ୍ସବ ଓ ସୁଭଦ୍ରା ଶକ୍ତି ମେଳା ତୃତୀୟ ସନ୍ଧ୍ୟାରେ ପହଞ୍ଚିଛି। ସାଂସ୍କୃତିକ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱିରାଜ ହରିଚନ୍ଦନ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ଗଞ୍ଜାମ ମାଟିର ବଳିଷ୍ଠ ଅବଦାନ ରହିଥିଲା। ସ୍ୱକୀୟ ଶିଳ୍ପକଳା ଓ ସଂସ୍କୃତି ବ୍ରହ୍ମପୁରକୁ ଏକ ସ୍ୱତନ୍ତ୍ର ପରିଚୟ ଦେଇଛି। ଓଡ଼ିଶାର ୧୦ଟି ପ୍ରମୁଖ ସହରର ବ୍ୟାପକ ଉନ୍ନତିକରଣ ପାଇଁ ସରକାର ପରିକଳ୍ପନା କରୁଛନ୍ତି ତାହା ମଧ୍ୟରେ ବ୍ରହ୍ମପୁର ଅନ୍ୟତମ ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି।

ସେହିପରି ମହୋତ୍ସବରେ ରହିଥିବା ବୁଣାକାରଙ୍କ ସହ ସାକ୍ଷାତ କରିବା ସହ ବ୍ରହ୍ମପୁର ପାଟ ବୁଣା ପ୍ରକିୟା ସମ୍ପର୍କରେ ପଚାରି ବୁଝିଥିଲେ। ସମ୍ମାନିତ ଅତିଥି ଭାବେ ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର ଯୋଗ ଦେଇ ଗଞ୍ଜାମର ପଞ୍ଚୁଦଣ୍ଡ, ସୁଭଦ୍ରା ଶକ୍ତିଙ୍କ ସାମର୍ଥ୍ୟ, ସ୍ୱଦେଶୀ ଜାଗରଣ, ଦିଗପହଣ୍ଡିର ବୋମକେଇ ପାଟ, ଲୋକାଲ ଫର ଭୋକାଲ ଫର ଲୋକାଲ ଉପରେ ଆଲୋକପାତ କରିଥିଲେ।

ଅନ୍ୟ ଅତିଥିମାନଙ୍କ ମଧ୍ୟରେ ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର, କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ, ସୋରଡ଼ା ବିଧାୟକ ନୀଳମଣି ବିଷୋୟୀ, ବରିଷ୍ଠ ସମାଜସେବୀ ସରୋଜ କୁମାର ସାବତ, ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ, ବ୍ରହ୍ମପୁର ମହାନଗର ନିଗମ ଆୟୁକ୍ତ ଏ. ସସ୍ୟା ରେଡ୍ଡୀ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସମୀର କୁମାର ଜେନା, ବ୍ରହ୍ମପୁର ଉପଜିଲ୍ଲାପାଳ ଅବିନାଶ କୁମାର, ସ୍ୱଦେଶୀ ମେଳାର ଆଞ୍ଚଳିକ ସମନ୍ୱୟକ ମନୋଜ କୁମାର ନାୟକ ଓ ଟିପିଏସ୍‌ଓଡିଲର ଉପ ସାଧାରଣ ପ୍ରବନ୍ଧକ(ଅର୍ଥ) ବିନୋଦ ବିହାରୀ ନାୟକ ଯୋଗ ଦେଇଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ସୁପ୍ରସିଦ୍ଧ କଣ୍ଠଶିଳ୍ପୀ ଶଶାଙ୍କ ଶେଖର ଏବଂ ସହଯୋଗୀଙ୍କ ସୁମଧୁର ସଙ୍ଗୀତରେ ଦର୍ଶକ ଝୁମିଥିଲେ।

## ଠାକୁରାଣୀ ଯାତ୍ରା ନେଇ ଜିଲ୍ଲାପାଳଙ୍କ ସମୀକ୍ଷା



ଭଞ୍ଜନଗର, ୮ ।୪(ସମିସ): ଭଞ୍ଜନଗର ଠାକୁରାଣୀ ଯାତ୍ରା ନିମନ୍ତେ ଏକ ପ୍ରସ୍ତୁତି ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ, ସିଡ଼ିଓ ଓ ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ, ଗଞ୍ଜାମ ସମୀର କୁମାର ଜେନା, ଉପଜିଲ୍ଲାପାଳ ଉମାଶଙ୍କର ବେହେରା, ଅଧ୍ୟକ୍ଷ ପୌରପରିଷଦ ଗୋପବନ୍ଧୁ ମହାପାତ୍ର ତଥା ଅନ୍ୟ ପ୍ରଶାସନିକ ଓ ସରକାରୀ ଅଧିକାରୀ ଏବଂ ଯାତ୍ରା କମିଟିର ସମସ୍ତ ସଦସ୍ୟମାନେ ଉପସ୍ଥିତ ଥିଲେ। ବୈଠକରେ ଯାତ୍ରାର ସମସ୍ତ ପ୍ରସ୍ତୁତି କାର୍ଯ୍ୟ, ନିରାପତ୍ତା ବ୍ୟବସ୍ଥା, ସ୍ୱାସ୍ଥ୍ୟ, ଅଗ୍ନିସୁରକ୍ଷା, ଟ୍ରାଫିକ ବ୍ୟବସ୍ଥା, ପାନୀୟଜଳ ବ୍ୟବସ୍ଥା, ଶାନ୍ତିଶୃଙ୍ଖଳା ଆଦି ବିଷୟ ଉପରେ ସମୀକ୍ଷା ହୋଇଛି। ବିଧାୟକ ଶ୍ରୀ ନାୟକ ଅବଗତ କରିଛନ୍ତି ଯେ, ଜିଲ୍ଲା ତଥା ରାଜ୍ୟସ୍ତରୀୟ ବହୁ ବିଶିଷ୍ଟ ବ୍ୟକ୍ତିମାନେ ଯାତ୍ରାରେ ଯୋଗଦେବେ ଏବଂ ଯାତ୍ରାକୁ ଅଧିକ ସରସ, ସୁନ୍ଦର କରିବାପାଇଁ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି। ଅତିରିକ୍ତ ଉପଜିଲ୍ଲାପାଳ ପ୍ରଧାନ ଟୁଲିଆମା ଧନ୍ୟବାଦ୍ ଅର୍ପଣ କରିଥିଲେ।

## ଗ୍ୟାସ୍ କଳାବଜାରୀ ରୋକିବାକୁ ପ୍ରଶାସନର ଚଢ଼ଉ



ଆସିକା, ୮ ।୪(ସମିସ): ଆସିକା ସହରରେ ଗ୍ୟାସ କଳାବଜାରି ରୋକିବାକୁ ପ୍ରଶାସନ ପକ୍ଷରୁ ବୁଧବାର ସହରର ବଜାରସାହିର ଏକ କିରାଣୀ ଦୋକାନ ସମେତ ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇଥିଲା। ଏଥିରେ ଯୋଗାଣ ଅଧିକାରୀ ଶର୍ମିଷ୍ଠା ଦଳବେହେରା, ଅତିରିକ୍ତ ତହସିଲଦାର ଅମରେଶ ସାବତ, ପୌର ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେଶ କୁମାର ମହାପାତ୍ର, ପୁଲିସ ଏସ୍‌ଆଇ କୈଳାଶ ଚନ୍ଦ୍ର ସାହୁ, ଶ୍ରୀନିବାସ ଗୌଡ଼, ସିପାହୀ ମାନସ ଭୂୟାଁ ପ୍ରମୁଖ ଚଢ଼ଉରେ ସାମିଲ ଥିଲେ। ଚଢ଼ଉବେଳେ ଏକ କିରାଣୀ ଦୋକାନରୁ ୭ଟି ଗ୍ୟାସ ସିଲିଣ୍ଡର ଜବତ ହୋଇଛି। ଜବତ ଗ୍ୟାସ ସିଲିଣ୍ଡରକୁ ଅଧିକାରୀମାନେ ନିକଟରେ ଥିବା ବାଲାଜୀ ଗ୍ୟାସ୍ ଏଜେନ୍ସିକୁ ହସ୍ତାନ୍ତର କରିଛନ୍ତି। କିରାଣୀ ଦୋକାନ ମାଲିକକୁ ପୁଲିସ ଥାନାକୁ ଆଣି ଜେରା କରୁଛି। ଆଗକୁ ଏଭଳି ଚଢ଼ଉ ଜାରି ରହିବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

## ରକ୍ତଦାନ ଶିବିର: ୩୪ ୟୁନିଟ୍ ସଂଗୃହୀତ



ଛତ୍ରପୁର, ୮ ।୪(ସମିସ): ଓଡ଼ିଶା ପକ୍ଷ ପାଳନ ଅବସରରେ ଛତ୍ରପୁର ସରକାରୀ ବିଜ୍ଞାନ ମହାବିଦ୍ୟାଳୟର ଯୁବ ରେଡକ୍ରସ୍ ପକ୍ଷରୁ ଅନୁଷ୍ଠିତ ରକ୍ତଦାନ ଶିବିରରୁ ମୋଟ ୩୪ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ଛତ୍ରପୁର ସରକାରୀ ବିଜ୍ଞାନ ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ ଅଜୟ କୁମାର ତ୍ରିପାଠୀ ଓ ଅରୁଣା ସ୍ୱେଚ୍ଛାସେବୀ ଅନୁଷ୍ଠାନର ନିର୍ଦ୍ଦେଶକ ଲୋକନାଥ ମିଶ୍ର ଶିବିରକୁ ଉଦ୍‌ଘାଟନ କରିଥିଲେ। ବ୍ରହ୍ମପୁର ରକ୍ତଭଣ୍ଡାରର କର୍ମଚାରୀ ରକ୍ତ ସଂଗ୍ରହ କରିଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ଡଃ ତ୍ରିପାଠୀଙ୍କ ତତ୍ତ୍ୱାବଧାନାରେ ଆୟୋଜିତ ଶିବିରକୁ ଅଧାପିକା ମିଲିମିତା ପାଢ଼ୀ, ଡଃ ସୁଜତା ମଲ୍ଲିକ, ସାପା ରଞ୍ଜିତାରାଣୀ ଓ ସୁଚସ୍ମିତା ବେହେରା, ପ୍ରଣତି ନାୟକ, ଅଧ୍ୟାପକ ସୁଶାନ୍ତ ଦାଶ ଓ ଲକ୍ଷ୍ମୀନାରାୟଣ ସାହୁ, ସୁମନ ପଣ୍ଡା ଏବଂ ଏନ୍‌ଏସିସି ଛାତ୍ରଛାତ୍ରୀମାନେ ସହଯୋଗ କରିଥିଲେ। ଅରୁଣା ଅନୁଷ୍ଠାନର ନିର୍ଦ୍ଦେଶକ ଲୋକନାଥ ମିଶ୍ର ପ୍ରଥମେ ରକ୍ତଦାନ କରି ଶିବିରକୁ ଆରମ୍ଭ କରିଥିଲେ।

## ସଡ଼କ ଦୁର୍ଘଟଣାରେ ମହିଳା ମୃତ

ଛତ୍ରପୁର, ୮ ।୪(ସମିସ): ଚମାଖଣ୍ଡି ଥାନା ଅନ୍ତର୍ଗତ ରଘୁନାଥପୁର ଛକରେ ଏକ ସଡ଼କ ଦୁର୍ଘଟଣାରେ ମହିଳାଙ୍କ ମୃତ୍ୟୁ ଘଟିଛି। ମହିଳା ଜଣକ ରାସ୍ତାରେ ଯାଉଥିବା ବେଳେ ଟାଟା ଏସି ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ମହିଳାଙ୍କ ମୃତ୍ୟୁ ହୋଇଛି। ମୃତ ମହିଳାଙ୍କ ପରିଚୟ ମିଳିପାରିନାହିଁ। ଟାଟା ଏସିର ଡ୍ରାଇଭରକୁ ଅଟକ ରଖି ପୁଲିସ ତଦନ୍ତ ଚଳାଇଛି।

## ନିଖୋଜ ବୃଦ୍ଧଙ୍କ ଶବ ଉଦ୍ଧାର

ଭଞ୍ଜନଗର, ୮ ।୪(ସମିସ): ଭଞ୍ଜନଗର ଥାନା ଅନ୍ତର୍ଗତ ମୁଜାଗଡ଼ ଗ୍ରାମ ନିକଟ ପୋଖରୀରୁ ବୁଧବାର ଜଣେ ବୃଦ୍ଧଙ୍କ ମୃତଦେହ ଉଦ୍ଧାର କରିଛି ପୁଲିସ। ମୃତକ ବେଲଗୁଣ୍ଠା ଥାନା ଅନ୍ତର୍ଗତ ଜି. ନୂଆଗାଁର ଅରକ୍ଷିତ ସାହୁ (୭୩)। ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ଭଞ୍ଜନଗର ମେଡିକାଲକୁ ପଠାଇଛି। ଅରକ୍ଷିତ ଗତ କିଛିଦିନ ପୂର୍ବେ ଘରୁ କେଉଁଆଡ଼େ ଚାଲିଯାଇଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି ପରେ ବି ସନ୍ଧାନ ପାଉନଥିଲେ। ବୁଧବାର ତାଙ୍କ ଶବ ମୁଜାଗଡ଼ ଗାଁ ନିକଟ ପୋଖରୀରେ ଭାସୁଥିବା ଲୋକେ ଦେଖିଥିଲେ। ଅଗ୍ନିଶମ ବାହିନୀ ଶବକୁ ପୋଖରୀରୁ ଉଦ୍ଧାର କରିଥିଲା। ଅରକ୍ଷିତ କେଉଁ ପରିସ୍ଥିତିରେ ମୁଜାଗଡ଼ ଆସିଥିଲେ ଏବଂ ସେ କିପରି ମୃତ୍ୟୁବରଣ କଲେ ସେନେଇ ଜଣାପଡ଼ିନଥିବାବେଳେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ଟ୍ରକ୍ ମାଲିକ ସଂଘର ଗଣଧାରଣା ଚେତାବନୀ

ଛତ୍ରପୁର, ୮ ।୪(ସମିସ): ଗଞ୍ଜାମ ଜିଲ୍ଲାର ଅନ୍ୟତମ ପ୍ରତିଷ୍ଠିତ ଶିଳ୍ପ ସଂସ୍ଥା ଗ୍ରାସିମ୍ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ (ଜି.ଆଇ.ଏଲ୍.) ଏବଂ ସ୍ଥାନୀୟ ଟ୍ରକ୍ ମାଲିକଙ୍କ ମଧ୍ୟରେ ସୃଷ୍ଟି ହୋଇଥିବା ବିବାଦ ଏବେ ତୀବ୍ର ରୂପ ଧାରଣ କରିଛି। ଯାହାକୁ ନେଇ ଗଞ୍ଜାମ ଟ୍ରକ୍ ମାଲିକ ସଂଘ ଆସନ୍ତା ୧୧ ଏପ୍ରିଲ ୨୦୨୬ରୁ କମ୍ପାନୀ ସମ୍ମୁଖରେ ଏକ ଶାନ୍ତିପୂର୍ଣ୍ଣ ଗଣଧାରଣା ଦେବାକୁ ନିଷ୍ପତ୍ତି ନେଇଛି। ସଂଘର ସାଧାରଣ ସମ୍ପାଦକଙ୍କ ଦ୍ୱାରା ଛତ୍ରପୁର ଉପଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଥିଲା। ସ୍ମାରକପତ୍ର ଅନୁଯାୟୀ, ଦୀର୍ଘବର୍ଷ ଧରି ସଂଘର ସଦସ୍ୟମାନେ ପୂର୍ବତନ ଜୟଶ୍ରୀ କେମିକାଲ୍ସ ଏବଂ ବର୍ତ୍ତମାନର ଗ୍ରାସିମ୍ ଇଣ୍ଡଷ୍ଟ୍ରିଜ୍‌କୁ ପରିବହନ ସେବା ଯୋଗାଇ ଆସୁଥିଲେ ମଧ୍ୟ ଗତ କିଛିମାସ ହେବ କମ୍ପାନୀର ବର୍ତ୍ତମାନର ପ୍ଲାଣ୍ଟ ଓ ଲଜିଷ୍ଟିକ୍ସ ମୁଖ୍ୟ ସେମାନଙ୍କୁ କୌଣସି କାର୍ଯ୍ୟାଦେଶ ପ୍ରଦାନ କରୁନାହାନ୍ତି। ସଂଘ ଅଭିଯୋଗ କରିଛି ଯେ, ବାରମ୍ବାର ଇମେଲ୍ ଓ ଯୋଗାଯୋଗ ସତ୍ତ୍ୱେ କମ୍ପାନୀ କର୍ତ୍ତୃପକ୍ଷ କୌଣସି ଉତ୍ତର ରଖୁନାହାନ୍ତି ଏବଂ ଜାଣିଶୁଣି ପୁରୁଣା ପରିବହନକାରୀଙ୍କୁ ହଟାଇ ସ୍ଥାନୀୟ ସଂଘକୁ ବାଦ୍ ଦେବାକୁ ଚେଷ୍ଟା କରାଯାଉଛି, ଯାହାଦ୍ୱାରା ଶହ ଶହ ଶିକ୍ଷିତ ବେକାର ଗାଡ଼ିମାଲିକ ଓ ଶ୍ରମିକଙ୍କ ଜୀବିକା ବିପନ୍ନ ହୋଇପଡ଼ିଛି। ନିଜର ନ୍ୟାଯ୍ୟ ଦାବି ପୂରଣ ପାଇଁ ସଂଘ ଆସନ୍ତା ୧୧ ତାରିଖ ପୂର୍ବାହ୍ନ ୧୧ଟାରୁ କମ୍ପାନୀ ଗେଟ୍ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣା ଦେବା ସହ ଏଥିପାଇଁ ଗଞ୍ଜାମ ଏସ୍‌ପି ଓ ଏସଡିପିଓଙ୍କୁ ମଧ୍ୟ ଅବଗତ କରାଇଛି। ପ୍ରଶାସନ ଏହି ମାମଲାରେ ହସ୍ତକ୍ଷେପ କରି ସ୍ଥାନୀୟ ଟ୍ରକ୍ ମାଲିକଙ୍କ ଜୀବିକା ସୁରକ୍ଷିତ କରିବାକୁ ସଂଘ ନିବେଦନ କରିଛି।

ପଞ୍ଜୀକରଣ ପର୍ଯ୍ୟନ୍ତ ଟାଣୁଛି, ହଲ୍‌ରେ ଫେଲ୍ ମାରୁଛି

# ଗଞ୍ଜାମକୁ ଡ୍ରପ୍‌ଆଉଟ୍ ଚିନ୍ତା: ଘଣ୍ଟ ଘୋଡ଼ାଉଛି ଶିକ୍ଷା ପ୍ରଶାସନ

ବ୍ରହ୍ମପୁର, ୮ ।୪(ସମିସ)

ସବୁ ଦୃଷ୍ଟିକୋଣରୁ ଗଞ୍ଜାମ ରାଜ୍ୟର ବୃହତ୍ ଜିଲ୍ଲା। ରାଜ୍ୟର ପ୍ରତ୍ୟେକ ଯୋଜନା ଆରମ୍ଭ ପୂର୍ବରୁ ଏହି ଜିଲ୍ଲାର ଗୁରୁତ୍ୱକୁ ଅଗ୍ରାଧିକାର ଦିଆଯାଏ। ସରକାରୀ ଯୋଜନା ଗୁଡ଼ିକ ମଧ୍ୟ ଗଞ୍ଜାମରୁ କିଭଳି ସଫଳ ରୂପାୟନ ହେବ ସେ ଦିଗରେ ଶାସନ ଗାଦିରେ ଥିବା ସରକାରୀ ଦଳ ଗୁଡ଼ିକ ଗୁରୁତ୍ୱ ଦିଅନ୍ତି। କିନ୍ତୁ ବାସ୍ତବରେ ତାହା କାର୍ଯ୍ୟକାରୀ ହେଉନଥିବାର ଅନେକ ଉଦାହରଣ ବିଗତ ଦିନରେ ଦେଖିବାକୁ ମିଳିଛି। ସମ୍ପ୍ରତି ଗଞ୍ଜାମ ଜିଲ୍ଲା ଶିକ୍ଷା କ୍ଷେତ୍ରରେ ଅଗ୍ରଗତି କରୁଥିବା ସରକାରୀ ସ୍ତରରେ ଡ଼ିଣ୍ଡିମ ପିଟା ଯାଉଥିବା ବେଳେ ବାସ୍ତବତା କିନ୍ତୁ ଅଲଗା। ପ୍ରାଥମିକ ସ୍ତରରେ ଡ୍ରପଆଉଟ୍ ହ୍ରାସ କରିବାକୁ ଲକ୍ଷ୍ୟ ରଖାଯାଇ ସମସ୍ତଙ୍କୁ ସ୍କୁଲ ମୁହାଁ କରାଯାଉଛି। କିନ୍ତୁ ପରବର୍ତ୍ତି ସମୟରେ ସେମାନେ ପରୀକ୍ଷା ଦେଉନାହାନ୍ତି। କହିବାକୁ ଗଲେ ଜିଲ୍ଲାରେ ଶିକ୍ଷା ପ୍ରଣାଳୀ ପାଇଁ ଏକ ଗୁରୁତର ସଂକଟ ଦେଖାଦେଇଛି। ପଞ୍ଜୀକରଣ ସଂଖ୍ୟା ଭଲ ଥିଲେ ମଧ୍ୟ, ପରୀକ୍ଷାରେ ଉପସ୍ଥିତି କମିବା ଓ ଡ୍ରପଆଉଟ୍ ହାର ବୃଦ୍ଧି ପାଇଁ ଚିନ୍ତା ବଢ଼ିଛି। ଯାହା ଗତ ଦଶମ ଶ୍ରେଣୀ ପରୀକ୍ଷାର ଆଶାୟୀ ପରିକ୍ଷାର୍ଥୀଙ୍କ ଅନୁପସ୍ଥିତିରୁ ସ୍ପଷ୍ଟ ହୋଇଛି।

ତଥ୍ୟ ଅନୁସାରେ, ଗତ ମାଟ୍ରିକ ବୋର୍ଡ଼ ପରୀକ୍ଷାରେ ଜିଲ୍ଲାର ୨୩ଟି ବ୍ଲକରେ ମୋଟ ୨୧୪ଟି କେନ୍ଦ୍ରରେ ପରୀକ୍ଷା ଦେବାକୁ ୪୪, ୩୮୩ ଜଣ ଛାତ୍ରଛାତ୍ରୀ ପଞ୍ଜିକୃତ ହୋଇଥିଲେ। କିନ୍ତୁ ଏଥିରୁ ୪୩, ୮୨୬ ଜଣ ମାତ୍ର ପରୀକ୍ଷା ଦେଇଥିବା ବେଳେ ୫୫୭ଜଣ ଅନୁପସ୍ଥିତ ରହିଥିବା ଦେଖାଯାଇଛି। ବ୍ଲକ ଭିତ୍ତିକ ତଥ୍ୟକୁ ଦେଖିଲେ କେତେକ ଅଞ୍ଚଳରେ ଅନୁପସ୍ଥିତି ହାର ଅଧିକ ମଧ୍ୟ ରହିଛି। ଆସିକା ବ୍ଲକରେ ୨୦ଜଣ ଛାତ୍ରଛାତ୍ରୀ ଅନୁପସ୍ଥିତ ରହିଥିବା ବେଳେ ବେଗୁନିଆପଡ଼ାରେ ୧୪, ବେଲଗୁଣ୍ଠାରେ ୧୭, ଭଞ୍ଜନଗରରେ ୪୬, ବୁଗୁଡ଼ାରେ ୨୫, ଛତ୍ରପୁର ୧୭, ଚିକିଟି ୯, ଧରାକୋଟ ୧୭, ଦିଗପହଣ୍ଡି ୧୮, ଗଞ୍ଜାମ ୧୭, ହିଞ୍ଜିଳିକାଟୁ ୨୯, ଜଗନ୍ନାଥପ୍ରସାଦ ୨୬, କବିସୂର୍ଯ୍ୟନଗର ୨୭, ଖଲ୍ଲିକୋଟ ୫୨, କୁକୁଡ଼ାଖଣ୍ଡି ୨୫, ପାତ୍ରପୁର ୨୪, ପୋଲସରା ୧୦, ପୁରୁଷୋତ୍ତମପୁର ୨୦, ରଙ୍ଗେଇଲୁଣ୍ଡା ୧୦, ସାନଖେମୁଣ୍ଡି ୧୯, ଶେରଗଡ଼ ୨୫ ଓ ସୋରଡ଼ା ବ୍ଲକରେ ୫୦ଜଣ ଛାତ୍ରଛାତ୍ରୀ ମାଟ୍ରିକ ପରୀକ୍ଷା ଦେଇନଥିବା ବେଳେ ବ୍ରହ୍ମପୁର ସହରରେ ମଧ୍ୟ ନିଜକୁ ପଞ୍ଜିକୃତ କରି ୪୦ଜଣ ଛାତ୍ରଛାତ୍ରୀ ଅନୁପସ୍ଥିତ ରହିଥିଲେ। ଯାହା ଡ୍ରପଆଉଟ୍ ସମସ୍ୟାକୁ ଦ୍ୱିଗୁଣିତ କରୁଛି।

ଏହି ତଥ୍ୟ ଅନୁସାରେ ଖଲ୍ଲିକୋଟ, ସୋରଡ଼ା, ଭଞ୍ଜନଗର, ବ୍ରହ୍ମପୁରରେ ଡ୍ରପଆଉଟ ସଂଖ୍ୟା ବୃଦ୍ଧି ପାଇଥିବା ବେଳେ ଚିକିଟି ଓ ପୋଲସରା ଭଳି କେତେକ ବ୍ଲକରେ ଏହି ସଂଖ୍ୟା ତୁଳନାମୂଳକ ଭାବେ କମ୍ ରହିଛି। ଶିକ୍ଷା ବିଶେଷଜ୍ଞମାନେ ମତ ଦେଇଛନ୍ତି ଯେ, ଏହାର ପଛରେ ଆର୍ଥିକ ସମସ୍ୟା, ପଢ଼ାରେ ଅନାଗ୍ରହ, ପରିବାରିକ ଚାପ ଓ କେତେକ କେସରେ ପ୍ରବାସ ମୁଖ୍ୟ କାରଣ ହୋଇପାରେ। ପଞ୍ଜୀକରଣ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କୁ ଆଣିପାରୁଥିବା ସରକାରୀ ଯୋଜନାଗୁଡ଼ିକ ସେମାନଙ୍କୁ ପରୀକ୍ଷା ହଲ୍ ପର୍ଯ୍ୟନ୍ତ ନେବାରେ ବିଫଳ ହେଉଛି ବୋଲି ମଧ୍ୟ ଅଭିଯୋଗ ହେଉଛି। ସ୍ଥାନୀୟ ଲୋକମାନଙ୍କ ମତରେ, ସ୍କୁଲସ୍ତରରେ ନିୟମିତ ମନିଟରିଂ, ଅଭିଭାବକ ସଚେତନତା ଓ ଛାତ୍ରଛାତ୍ରୀଙ୍କୁ ପ୍ରେରଣା ଦେବା ନିମନ୍ତେ ଖାସ୍ ପଦକ୍ଷେପ ଆବଶ୍ୟକ। ନଚେତ ଆଗାମୀ ଦିନରେ ଡ୍ରପଆଉଟ୍ ସମସ୍ୟା ଆଉ ଗୁରୁତର ରୂପ ନେବା ସମ୍ଭାବନା ରହିଛି।

## ତାରାତାରିଣୀଙ୍କ ଆଶୀର୍ବାଦ ନେଲେ 'ମେହେରମୁଣ୍ଡା' ଫିଲ୍ମ ଟିମ୍

ପୁରୁଷୋତ୍ତମପୁର, ୮ ।୪(ସମିସ): ଓଡ଼ିଶାର ନିଛକ କାହାଣୀକୁ ନେଇ ରିଲିଜ୍ ହେବାକୁ ଯାଉଛି ଫିଲ୍ମ, 'ମେହେରମୁଣ୍ଡା'। ମେହେରମୁଣ୍ଡା ଫିଲ୍ମ ରିଲିଜ ପୂର୍ବରୁ ବୁଧବାର ଗଞ୍ଜାମ ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମା' ତାରାତାରିଣୀଙ୍କ ପୀଠରେ ପହଞ୍ଚିଥିଲେ ଫିଲ୍ମର ନିର୍ଦ୍ଦେଶକ, ପ୍ରଯୋଜକଙ୍କ ସମେତ ସମସ୍ତ କଳାକାର। ମା'ଙ୍କ ନିକଟରେ ପୂଜାର୍ଚ୍ଚନା କରିବା ସହ କିଭଳି ଫିଲ୍ମ ଭଲ ଚାଲିବ ସେନେଇ ପ୍ରାର୍ଥନା କରିଥିଲେ। ପୂର୍ବରୁ ଓଡ଼ିଶା ଦିବସରେ ଏହାର ଟିଜର ରିଲିଜ୍ ହୋଇସାରିଛି। ଚଳଚ୍ଚିତ୍ରର ମୁଖ୍ୟ ଭୂମିକାରେ ଜ୍ୟୋତିରଞ୍ଜନ ନାୟକ, ରାକେଶ କୁମାର ପାଢ଼ୀ, ସୁଶାନ୍ତ ଦାସ ମହାପାତ୍ର, ଅର୍ଲିନ ଅଙ୍କିତା ଏବଂ ଅନନ୍ୟା ରହିଛନ୍ତି। ଜିଆର ରେକର୍ଡ଼ ବ୍ୟାନରରେ ନିର୍ମିତ ଏହି ଫିଲ୍ମର ପ୍ରଯୋଜନା ଦେଇଛନ୍ତି ରାକେଶ କୁମାର ପାଢ଼ୀ। ନିର୍ଦ୍ଦେଶନା ନିକୁଞ୍ଜ ହୋତା ଦେଇଥିବା ବେଳେ ସଙ୍ଗୀତକୁ ସଜାଇଛନ୍ତି ଅମିତ ଯୁବରାଜ। ଆନ୍ତର୍ଜାତୀୟ ହସ୍ତତନ୍ତ ଦିବସରେ ଓଡ଼ିଶା ହସ୍ତତନ୍ତ ବିଭାଗ ଆନୁକୂଲ୍ୟରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବଲିଉଡ ଅଭିନେତ୍ରୀ ମାଧୁରୀ ଦୀକ୍ଷିତଙ୍କ ଉପସ୍ଥିତିରେ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଚଳଚ୍ଚିତ୍ରର ଫାଷ୍ଟ ଲୁକ୍ ଲୋକାର୍ପଣ କରିଥିଲେ। ବୁଣାକାରଙ୍କ ଜୀବନୀ ଉପରେ ଆଧାରିତ ଫିଲ୍ମ ମେହେରମୁଣ୍ଡା ଆସନ୍ତା ମେ' ୧୫ରେ ରିଲିଜ୍ ହେବାକୁ ଯାଉଛି। ସିନେମାର ଆଭିମୁଖ୍ୟକୁ ନେଇ ନିର୍ଦ୍ଦେଶକ ନିକୁଞ୍ଜ ହୋତା କହିଛନ୍ତି ଯେ, ଏହି ସିନେମାଟି ସମ୍ପୂର୍ଣ୍ଣ ଭିନ୍ନଧରଣର ଏକ ସମ୍ପ୍ରଦାୟର ଜୀବନ କାହାଣୀକୁ ନେଇ ପ୍ରସ୍ତୁତ ହୋଇଛି। ମହାମାରୀ କରୋନାର ଲକ୍‌ଡାଉନ ସମୟରେ ଲୁଗା ବୁଣାକାର ପରିବାରଙ୍କ ଜୀବନର ସଂଘର୍ଷମୟ କାହାଣୀ ସହ ଅନଲାଇନ୍ ବ୍ୟବସାୟ ହିଁ ମୁଖ୍ୟ ପ୍ରସଙ୍ଗ ରହିଛି।



● ଚୋରା ବାଲି ଚାଲାଣ

## ୨ ଟ୍ରାକ୍ଟର, ନମ୍ବରବିହୀନ ଜେସିବି ଜବତ





ପାରଳାଖେମୁଣ୍ଡି,୮।୪ (ସମିସ): କାଶୀନଗର ବଂଶଧାରା ନଦୀ ତଟରେ ଥିବା ଶ୍ମଶାନ ଘାଟ ନିକଟରୁ ମଙ୍ଗଳବାର ବିଳମ୍ବିତ ରାତିରେ ଚୋରାରେ ବାଲିଚାଲାଣ ହେଉଥିବା ବିଶେଷ ସୂତ୍ରରୁ ଖବର ପାଇ ଜିଲ୍ଲା ଖଣି ଅଧିକାରୀ ଦିପେନ ପରିଡାଙ୍କ ନେତୃତ୍ୱରେ ଚଢଉ କରାଯାଇ ଗୋଟିଏ ଟ୍ରାକ୍ଟର ଓ ଗୋଟିଏ ନମ୍ବରବିହୀନ ଜେସିବି ଜବତ କରାଯାଇ ପୁଲିସକୁ ହସ୍ତାନ୍ତର କରାଯାଇଛି। ଏବାବଦରେ ୪ ଲକ୍ଷ ଟଙ୍କା ଜରିମାନା ସହ ନମ୍ବର ବିହୀନ ଜେସିବି ହୋଇଥିବାରୁ ତଦନ୍ତ ପାଇଁ ପୁଲିସକୁ କୁହାଯାଇଛି। ସେହିଭଳି ଆଜି ସକାଳେ ପାରଳାଖେମୁଣ୍ଡି ସହର ଉପକଣ୍ଠସ୍ଥ ରାଣୀପେଣ୍ଠ ଗ୍ରାମ ନିକଟରୁ ବେଆଇନ ବାଲି ଚାଲାଣ ଅଭିଯୋଗରେ ଗୋଟିଏ ଟ୍ରାକ୍ଟରକୁ ଖଣି ବିଭାଗ ଅଟକ ରଖିଥିବା ବେଳେ ତଦନ୍ତ ଜାରି ରହିଥିବା ଖଣି ଅଧିକାରୀ ଶ୍ରୀ ପରିଡା ସୂଚନା ପ୍ରଦାନ କରିଛନ୍ତି।

## ସ୍ୱେଚ୍ଛାକୃତ ରକ୍ତଦାନ ଶିବିର

ବୁଗୁଡ଼ା,୮।୪(ସମିସ): ସ୍ଥାନୀୟ ପିପୁଲ୍ସ କଲେଜ ପରିସରରେ ୟୁଥ୍ ରେଡ୍‌କ୍ରସ୍ ଓ ରେଡ୍‌ରିବନ୍ କ୍ଲବ ୟୁନିଟ୍ ପକ୍ଷରୁ ଭାରତ ସ୍କାଉଟ ଏଣ୍ଡ ଗାଇଡ୍ ୟୁନିଟ୍ ସହଯୋଗରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଆ ପକ୍ଷ ପାଳନ ଅବସରରେ ଆୟୋଜିତ ଶିବିରକୁ କଲେଜ ଅଧକ୍ଷ ଡ.ପୁରୁଷୋତ୍ତମ ମିଶ୍ର ଉଦଘାଟନ କରିଥିବା ବେଳେ ଏଥିରେ ଉପାଧକ୍ଷ ହରିକୃଷ୍ଣ ନାୟକ, ଅଧ୍ୟାପକ ପ୍ରଦୀପ କୁମାର ଦାଶ ଓ ସଞ୍ଜୟ କୁମାର ପ୍ରଧାନ ଯୋଗ ଦେଇଥିଲେ। ଶିବିରରେ କଲେଜ ଛାତ୍ରଛାତ୍ରୀଙ୍କ ସମେତ ଅନ୍ୟାନ୍ୟ ବ୍ୟକ୍ତି ରକ୍ତଦାନ କରିଥିଲେ। ଭଞ୍ଜନଗର ବ୍ଲଡ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ଦ୍ୱାରା ୪୩ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଅଧ୍ୟାପକ ପବିତ୍ର ଖଣ୍ଡୁଆଳ ଏହି ଶିବିରକୁ ପରିଚାଳନା କରିଥିବା ବେଳେ ଭାରତ ସ୍କାଉଟ ଏଣ୍ଡ ଗାଇଡ୍ ୟୁନିଟର ରୋଭର ଲିଡର ଅଧ୍ୟାପକ ଆତ୍ମପ୍ରକାଶ ନାୟକଙ୍କ ସମେତ ଅନ୍ୟମାନେ ସହଯୋଗ କରିଥିଲେ।

## ଦିଗପହଣ୍ଡିରେ ଖୋଲିଲା ଜଳଛତ୍ର




ଦିଗପହଣ୍ଡି,୮।୪(ସମିସ): ଗ୍ରୀଷ୍ମ ପ୍ରବାହ ଜାରି ରହିଥିବାବେଳେ ବୁଧବାର ଦିଗପହଣ୍ଡି ଏନଏସି କାର୍ଯ୍ୟାଳୟ ପକ୍ଷରୁ ସହରର ପୁଞ୍ଜିକଂୟା ଛକ, ମେଡିକାଲ ଛକ ଏବଂ ବ୍ରହ୍ମପୁର ମୁଖ୍ୟ ରାସ୍ତା କଡ଼ରେ ଥିବା ଚେକଗେଟ୍ ନିକଟରେ ଜଳଛତ୍ର ଖୋଲାଯାଇଛି। କାର୍ଯ୍ୟନିର୍ବାହୀ ଅଧିକାରୀ ଅବିନାଶ ମିଶ୍ରଙ୍କ ଉପସ୍ଥିତିରେ ନଗରପାଳ ପ୍ରଫୁଲ୍ଲ ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜଳଛତ୍ର ଗୁଡ଼ିକର ଶୁଭ ଉଦଘାଟନ କରିବା ସହ ନିଜେ ମଧ୍ୟ ବିଶୁଦ୍ଧ ଜଳପାନ କରିଥିଲେ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ କାଉନସିଲର ସୁଶାନ୍ତ କୁମାର ପାତ୍ର , କାଉନସିଲର ପ୍ରତିନିଧି ରମେଶ ଚନ୍ଦ୍ର ଜେନାଙ୍କ ସମେତ ଏନଏସି କାର୍ଯ୍ୟାଳୟର ବରିଷ୍ଠ କର୍ମଚାରୀ ରାଜକିଶୋର ରଥ, ସନ୍ଧ୍ୟାରାଣୀ ପଟ୍ଟନାୟକଙ୍କ ସମେତ ବହୁ କର୍ମଚାରୀ ଉପସ୍ଥିତ ଥିଲେ।

ବିଭାଗୀୟ ମୁଖ୍ୟଙ୍କ ହଷ୍ଟେଲ ଉପରେ ନାହିଁ କର୍ତ୍ତୃତ୍ୱ

# ହଷ୍ଟେଲରେ ପଡ଼ି ଛାତ୍ର ଗୁରୁତର; ଘରେ ଚାଲିଛି ଚେରମୂଳି ଚିକିତ୍ସା

ପାରଳାଖେମୁଣ୍ଡି,୮।୪(ସମିସ):

ଗଜପତି ଜିଲ୍ଲା ଗୋଷାଣି ବ୍ଲକ ଅନ୍ତର୍ଗତ ଗୁରାଣ୍ଡି ସ୍ଥିତ ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ଉଚ୍ଚ ବିଦ୍ୟାଳୟର ଛାତ୍ରାବାସ ପ୍ରତି ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦାୟିତ୍ୱହୀନତା ଚରମ ସୀମାରେ ପହଞ୍ଚିଛି। ହଷ୍ଟେଲରେ ୱାର୍ଡେନ କିମ୍ବା ସୁରକ୍ଷା କର୍ମଚାରୀ ନିଯୁକ୍ତ ନଥିବା ବେଳେ ଏହା ଦାୟିତ୍ୱରେ ଖୋଦ୍ ଗୋଷାଣି ଗୋଷ୍ଠୀ ଶିକ୍ଷାଧିକାରୀ ରହିଛନ୍ତି। ହଷ୍ଟେଲ ପ୍ରତି କାହାରି କତୃତ୍ୱ ନଥିବା ବେଳେ କେବଳ ୨ ଜଣ ରୋଷେୟାଙ୍କ ଦ୍ୱାରା ପରିଚାଳନା ହେଉଛି। ରୋଷେୟାମାନେ ବି ପାଳିକରି ଦାୟିତ୍ୱ ବହନ କରୁଥିବା ଜଣାପଡ଼ିଛି। ଏଭଳି ପରିସ୍ଥିତିରେ ସୋମବାର ଜଣେ ଛାତ୍ର ହଷ୍ଟେଲ ସିଡିରୁ ପଡ଼ି ଗୁରୁତର ଅବସ୍ଥାରେ ଏବେ ଘରେ ପଡ଼ି ମୃତ୍ୟୁ ସଂଗ୍ରାମ କରୁଛନ୍ତି।

ସୂଚନା ପ୍ରକାରେ, ସୋମବାର ରାତି ୨ ଟାରେ ଜଣେ ଛାତ୍ର ହଷ୍ଟେଲ ପରିସରରେ ପଡ଼ି ଗୁରୁତର ହୋଇଥିଲେ। ଚିକିତ୍ସା ପାଇଁ ପ୍ରଥମେ ସ୍ଥାନୀୟ ମେଡିକାଲ ଓ ପରେ ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲା ମୁଖ୍ୟଚିକିତ୍ସାଳୟକୁ ପଠାଯାଇଥିଲା। ହେଲେ ଛାତ୍ର ଜଣକ ଗୁରୁତର ଥିବାରୁ ପିତା-ମାତା ନିଜସ୍ୱ ଖର୍ଚ୍ଚରେ ଆନ୍ଧ୍ର ଶ୍ରୀକାକୁଲମ ନେଇଯାଇଥିଲେ ବୋଲି ବିଶ୍ୱସ୍ତ ସୂତ୍ରରୁ ପ୍ରକାଶ। ଯାହାକୁ ଖୋଦ୍ ଗୋଷ୍ଠୀ ଶିକ୍ଷାଧିକାରୀ ମଧ୍ୟ ସ୍ୱୀକାର କରିଛନ୍ତି।



ଏନେଇ ପାରଳାଖେମୁଣ୍ଡି ବିଧାନସଭା ନିର୍ବାଚନମଣ୍ଡଳୀର ସ୍ୱାଧୀନ ପ୍ରାର୍ଥୀ ସଞ୍ଜୟ କୁମାର ରାଉତ କହିଛନ୍ତି ଯେ, ଅଭିଯୋଗ ସମ୍ପର୍କରେ ଗୋଷ୍ଠୀ ଶିକ୍ଷାଧିକାରୀ ଶିବରାମ ପାତ୍ରଙ୍କୁ ଅବଗତ କରାଯାଇଥିଲା। ଘଟଣାଟିକୁ ଚପାଇଦେବା ଉଦ୍ଦେଶ୍ୟରେ ଗୋଷ୍ଠୀ ଶିକ୍ଷାଧିକାରୀ ତଥା ଗୁରାଣ୍ଡି ସ୍ଥିତ ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦାୟିତ୍ୱରେ ଥିବା ଶ୍ରୀ ପାତ୍ର ଜାଣି ନଜାଣିବା ଭଳି ଅଭିନୟ କରୁଛନ୍ତି। ଗୋଟିଏ ଛାତ୍ର କେମିତି ପଡିଲା, ମଧ୍ୟ ରାତ୍ରରେ ସେ କ'ଣ କରୁଥିଲା ଏସବୁକୁ ନେଇ ନାନାଦି ଆଲୋଚନା ଜୋର୍ ଧରିଥିବାବେଳେ ଗୋଷ୍ଠୀ ଶିକ୍ଷାଧିକାରୀ ଶ୍ରୀ ପାତ୍ର ନିଜ ସଫେଇରେ କହିଛନ୍ତି ଯେ, ଛାତ୍ର ଜଣକ ମୋବାଇଲ ଦେଖି ହଷ୍ଟେଲ ଛାତରୁ ସିଡିଦେଇ ଓହ୍ଲାଉଥିବାବେଳେ ପାହାଚରେ ଗୋଡ଼ ଖସି ପଡ଼ିଯାଇଥିଲେ। ତାଙ୍କୁ ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରୁ ତାଙ୍କ ପରିବାର ଲୋକେ ନିଜ ଇଛାରେ ଆନ୍ଧ୍ରର ଶ୍ରୀକାକୁଲମ ନେଇଯାଇଥିବା ଏବଂ ଏବେ ସେହି ଛାତ୍ରଜଣକ ସୁସ୍ଥ ହୋଇ ନିଜ ଘରେ ରହୁଥିବା ସଫେଇ ଦେଇ ହାତ ଝାଡ଼ିଦେଇଛନ୍ତି ବୋଲି ଶ୍ରୀ ରାଉତ କହିଛନ୍ତି।

ତେଣୁ ଏହାର ବିଧିବଦ୍ଧ ତଦନ୍ତ କରାଯାଇ ହଷ୍ଟେଲ କର୍ତ୍ତୃପକ୍ଷଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ଗୁରୁତର ଛାତ୍ର ଜଣକ ଗରିବ ଆଦିବାସୀ ପରିବାରର ହୋଇଥିବା ବେଳେ ତାଙ୍କ ନାମ ପାଉଲ ଗମାଙ୍ଗ। ସେ ଚଳିତବର୍ଷ ନବମ ଶ୍ରେଣୀ ପାସ୍ କରି ଦଶମ ଶ୍ରେଣୀରେ ପଢୁଥିଲେ। ତାଙ୍କର ଗଜପତି ଜିଲ୍ଲା ଗୁମ୍ମା ବ୍ଲକ ଅନ୍ତର୍ଗତ ସେରଙ୍ଗ ଥାନା ଅନ୍ତର୍ଗତ ରୋଇସିଂ ଗ୍ରାମର ହୋଇଥିବା ବେଳେ ତାଙ୍କ ପିତା କୁଲି କାମ କରି ଆର୍.ଉଦୟଗିରି ଠାରେ ରହୁଛନ୍ତି। ଛାତ୍ରଙ୍କ ଅଭିଭାବକ ଦାୟିତ୍ୱରେ ଥିବା ଛାତ୍ରଙ୍କ କକା ଆଦିଆ ଗମାଙ୍ଗ ବଡଗୋଷାଣି ପଞ୍ଚାୟତର ସ୍ୱାଦିମହାଦେବପେଣ୍ଠର ବସବାସ କରିଆସୁଥିବାର ଜଣାଯାଇଛି। ଘଟଣା ସମ୍ପର୍କରେ ଆଜି କୌଣସି ସୂତ୍ରରୁ ଖବର ପାଇ ବ୍ଲକ ମଙ୍ଗଳ ସଂପ୍ରସାରଣ ଅଧିକାରୀ ସ୍ୱାଧୀନ ପରିଡା ସକାଳେ ହଷ୍ଟେଲକୁ ତଦନ୍ତ କରିବାକୁ ଯାଇଥିଲେ ମଧ୍ୟ ତାଙ୍କୁ ମଧ୍ୟ ତଥ୍ୟ ଲୁଚାଇବାକୁ ଉଦ୍ୟମ କରାଯାଇଥିଲା। ଏହାପରେ ଶ୍ରୀ ପରିଡା ପୁଣି ସନ୍ଧ୍ୟାରେ ହଷ୍ଟେଲକୁ ଯାଇ ତଦନ୍ତ କରି ଗୋଷ୍ଠୀ ଶିକ୍ଷାଧିକାରୀ ଶ୍ରୀ ପାତ୍ରଙ୍କୁ ପଚାରିଥିଲେ। ଶ୍ରୀ ପାତ୍ର ମଙ୍ଗଳ ସଂପ୍ରସାରଣ ଅଧିକାରୀ ଶ୍ରୀ ପରିଡାଙ୍କୁ ପିଲାଟା ବର୍ତ୍ତମାନ ସୁସ୍ଥ ଅଛି, ଆପଣ କାହିଁକି ବ୍ୟସ୍ତ ହେଉଛନ୍ତି ବୋଲି ସାନ୍ତ୍ୱନା ଦେଇଥିବା ଜଣାପଡିଛି।

ପୋଲସରା ମ୍ୟୁନିସିପାଲିଟିର ଉଦାସୀନତା

## ଗାର୍ଡୱାଲ ମରାମତି ଦାବିକଲେ ସ୍ଥାନୀୟ ବାସିନ୍ଦା

ପୋଲସରା,୮।୪(ସମିସ): ପୋଲସରା ମ୍ୟୁନସିପାଲିଟିର ଅବହେଳା ଏବଂ ଉଦାସୀନତା କାରଣରୁ ଦୀର୍ଘବର୍ଷ ହେଲା ଅଧପନ୍ତରିଆ ଭାବେ ପଡ଼ିରହିଛି ଅନେକ ଉନ୍ନୟନ କାମ। ଏଭଳି ଘଟଣା ଦେଖିବାକୁ ମିଳିଛି ଖୋଦ୍ ମ୍ୟୁନସିପାଲିଟି କାର୍ଯ୍ୟାଳୟ ସମ୍ମୁଖରେ ଥିବା ୧୪ ନମ୍ବର ୱାର୍ଡ ନୂଆସାହିରେ। ପୋଲସରା ମୁଖ୍ୟ ବସଷ୍ଟାଣ୍ଡ ରୋଡକୁ ଲାଗି ନୂଆସାହିକୁ ଯିବା ରାସ୍ତାର ଏକ ପାର୍ଶ୍ୱରେ ଏକ ପୁରାତନ ପୋଖରୀଟିଏ ଅଛି। ପୋଖରୀ ଚାରିପଟେ ଥିବା ବହୁ ମୂଲ୍ୟବାନ ଗଛଗୁଡ଼ିକ ନୂଆସାହି ପୋଖରୀର ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରୁଛି। ଗତ ପାଞ୍ଚବର୍ଷ ତଳେ ସେହି ପୋଖରୀର ପୁନରୁଦ୍ଧାର କରାଯିବା ସହିତ ପୋଖରୀ ଚାରିପଟେ ଗାର୍ଡୱାଲ୍ ନିର୍ମାଣ କରାଯାଇଥିଲା। ଯାହା ଗତ ବର୍ଷେ ହେଲା ପୋଖରୀ ଭିତରକୁ ଭୁଶୁଡି ପଡ଼ିଛି। ଏପରିକି ପୋଖରୀର ଗୋଟିଏ ଅଂଶ ନିର୍ମାଣାଧିନ ସିମେଣ୍ଟ କଂକ୍ରିଟ ଦ୍ୱାରା ପୋତି ହୋଇଗଲାଣି। ଏଭଳି ସ୍ଥିତିରେ ଯଦି ପୁନର୍ବାର ଗାର୍ଡୱାଲ୍ ଦିଆନଯାଏ ତେବେ ପୋଖରୀକୁ



ଲାଗି ଛିଡ଼ା ହୋଇଥିବା ମୂଲ୍ୟବାନ ଗଛଗୁଡ଼ିକ ପୋଖରୀ ମଧ୍ୟକୁ ଚାଲିଯିବ। ଏନେଇ ନୂଆସାହି ବାସିନ୍ଦା ଓ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ ମ୍ୟୁନିସିପାଲିଟି ଅଧିକାରୀଙ୍କ ବାରମ୍ବାର ଦୃଷ୍ଟି ଆକର୍ଷଣ କରୁଥିଲେ ମଧ୍ୟ କୌଣସି ସୁଫଳ ମିଳୁନି। ଏସବୁକୁ ନେଇ ତୁରନ୍ତ ନୂଆସାହି ପୋଖରୀର ଚାରିପାଖରେ ଗାର୍ଡୱାଲ୍ ନିର୍ମାଣ କରାଯିବା ସହ ମୂଲ୍ୟବାନ ଗଛ ଗୁଡ଼ିକର ସଂପୂର୍ଣ୍ଣ ରକ୍ଷଣାବେକ୍ଷଣ ଦାୟିତ୍ୱ ନେବାକୁ ନୂଆସାହି ୱାର୍ଡର ଗୌରୀ ଶଙ୍କର ସାହୁ, କେ.ସନ୍ତୋଷ କୁମାର ପାତ୍ର, ରତ୍ନାକର ସାହୁ, ଓମ୍ ପ୍ରକାଶ ପ୍ରଧାନ, ବିନୋଦ କୁମାର ପଣ୍ଡା, ରବିନ୍ଦ୍ର କୁମାର ଜାନୀ ସମେତ ଯୁବଗୋଷ୍ଠୀମାନେ ଦାବି କରିଛନ୍ତି। ଅନ୍ୟପଟେ ପୋଲସରା ମ୍ୟୁନିସିପାଲିଟିର କାର୍ଯ୍ୟନିର୍ବାହୀ ଅଧିକାରୀ କୌଳାସ ଚନ୍ଦ୍ର ଜେନା ନିଜ ପ୍ରତିକ୍ରିୟାରେ କହିଛନ୍ତି ବର୍ତ୍ତମାନ ଏହି ପୋଖରୀର ଗାର୍ଡୱାଲ୍‌ର ଟେଣ୍ଡର ପ୍ରକ୍ରିୟାରେ ଯାଇଛି। ଯାହା ଆସନ୍ତା ଦୁଇ ମାସ ମଧ୍ୟରେ ଏହି ସମସ୍ୟାର ସମାଧାନ ହୋଇଯିବ ବୋଲି ସ୍ପଷ୍ଟୀକରଣ ଦେଇଥିଲେ।

## ବୋମା ଓ ଖଣ୍ଡା ଧରି ବୁଲୁଥିବା ଯୁବକ ଅଟକ

### ଥାନାରେ ଗ୍ରାମବାସୀଙ୍କ ହୋହଲ୍ଲା

ବ୍ରହ୍ମପୁର,୮।୪(ସମିସ): ଟାଉନ ଥାନା ଅନ୍ତର୍ଗତ ସୋମନାଥ ନଗରରେ କିଛି ଯୁବକ ବୋମା ଓ ଖଣ୍ଡା ଧରି ବୁଲୁଥିବା ଜଣାପଡ଼ିବା ପରେ ଉତ୍ତେଜନା ପ୍ରକାଶ ପାଇଛି। ସାହିର ୩୦ରୁ ଅଧିକ ଲୋକ ଟାଉନ୍ ଥାନାକୁ ଯାଇ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଆଜି ସନ୍ଧ୍ୟାରେ ସୋମନାଥ ନଗର ୫ମ ଲାଇନରେ ବାହାର ଅଞ୍ଚଳର ୫ ଜଣ ଯୁବକ ଏକାଠି ହୋଇ ସିଗାରେଟ୍ ଟାଣିବା ସହ ନିଜ ପାଖରେ ବୋମା ଓ ଖଣ୍ଡା ରଖିଥିବା କିଛି ଲୋକ ଦେଖିଥିଲେ। ସେମାନେ ଉକ୍ତ ଯୁବକଙ୍କୁ ପଚାରିବାରୁ ଉଚ୍ଚବାଚ ହୋଇଥିଲା। ସାହିବାସିନ୍ଦା ପୁଲିସକୁ ଖବର ଦେବାପରେ ପୁଲିସ ପହଞ୍ଚି ଉକ୍ତ ଯୁବକଙ୍କୁ କାବୁ କରିଥିଲା। ଯାଞ୍ଚ ବେଳେ ସେହି ଯୁବକଙ୍କ ନିକଟରୁ ବୋମା କି ଖଣ୍ଡା ମିଳିନଥିଲା। ପୁଲିସ ସେମାନଙ୍କୁ ଥାନାକୁ ନେଇ ପଚରାଉଚରା କରିଥିଲା। ସାହି ବାସିନ୍ଦା ଥାନା ପରିସରରେ ଏକତ୍ରିତ ହୋଇ ଅଞ୍ଚଳରେ ଅସାମାଜିକ ଯୁବକଙ୍କ ଚଳପ୍ରଚଳ ହେଉଥିବାରୁ ଆବଶ୍ୟକୀୟ ପଦକ୍ଷେପ ନେବାକୁ ଦାବି କରିଛନ୍ତି। ଖବର ଲେଖା ହେବା ସୁଦ୍ଧା ଥାନା ପରିସରରେ ଗହଳି ଲାଗି ରହିଛି।

## ସାଇବର ସୁରକ୍ଷା ଏବଂ ନିଶାମୁକ୍ତ କାର୍ଯ୍ୟକ୍ରମ ଉଦ୍‌ଘାଟିତ

ପାରଳାଖେମୁଣ୍ଡି,୮।୪(ସମିସ): ସେଞ୍ଚୁରିଅନ୍ ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜି ଆଣ୍ଡ ମ୍ୟାନେଜମେଣ୍ଟ ପାରଳାଖେମୁଣ୍ଡି



କ୍ୟାମ୍ପସରେ ରାଜ୍ୟ ଏନ୍‌ଏସ୍‌ଏସ୍ ବ୍ୟୁରୋ ପକ୍ଷରୁ ରାଜ୍ୟସ୍ତରୀୟ ଏନ୍‌ଏସ୍‌ଏସ୍ ସାଇବର ସୁରକ୍ଷା ଏବଂ ନିଶାମୁକ୍ତ କାର୍ଯ୍ୟକ୍ରମ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଏହା ୩ ଦିନ ଧରି ଚାଲିବ। ଏଥିରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଛାତ୍ରଛାତ୍ରୀ ଏବଂ କାର୍ଯ୍ୟକ୍ରମ ଅଧିକାରୀ ଯୋଗ ଦେଇଛନ୍ତି। ଗଜପତି ଜିଲ୍ଲା ଏନ୍‌ଏସ୍‌ଏସ୍ ନୋଡାଲ ଅଧିକାରୀ ଡ. ସନ୍ନ୍ୟାସୀ ବେହେରା ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସାଇବର ସଚେତନତା ଏବଂ ଏକ ନିଶାମୁକ୍ତ ସମାଜ ଗଠନରେ ଯୁବପିଢ଼ିଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ। ପାରଳାଖେମୁଣ୍ଡି ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ମାଧବାନନ୍ଦ ନାୟକ, ପାରଳାଖେମୁଣ୍ଡି ଆଦର୍ଶ ଥାନା ଅଧିକାରୀ ପ୍ରଶାନ୍ତ ଭୂପତି ସମ୍ମାନିତ ଅତିଥି ଭାବେ ଯୋଗଦେଇ ସାଇବର ଅପରାଧ, ଆଇନ ପ୍ରଣୟନ ବିଷୟବସ୍ତୁ ସମ୍ପର୍କରେ ଆଲୋଚନା କରିଥିଲେ। ଗୁରାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଜନସଂପ୍ରସାରଣ ଅଧିକାରୀ ମମତା ପାଢ଼ୀ ନିଶାଦ୍ରବ୍ୟ ସେବନର ସ୍ୱାସ୍ଥ୍ୟଗତ ପ୍ରଭାବ ସମ୍ପର୍କରେ ସଭାକୁ ସମ୍ବୋଧିତ କରିଥିଲେ। ସିୟୁଟିଏମ ପକ୍ଷରୁ ରେଜିଷ୍ଟ୍ରାର୍ ଡ.ଅନିତା ପାତ୍ର, ନିର୍ଦ୍ଦେଶକ (ପ୍ରଶାସନ) ଡ.ଦୁର୍ଗା ପ୍ରସାଦ ପାଢ଼ୀ, ଡିନ୍ (ପ୍ରଶାସନ) ଡ. ଏସ.ପି. ନନ୍ଦ, ଡିନ୍ (ଛାତ୍ର ଛାତ୍ରୀ କଲ୍ୟାଣ) ଡ. ରିତେଶ କୁମାର ଏବଂ ଏନଏସଏସ ସଂଯୋଜକ ଓ କାର୍ଯ୍ୟକ୍ରମ ଅଧିକାରୀ ଡ.ନିହାଲ ଆର୍‌ଙ୍କ ସମେତ ସମସ୍ତ ଡିନ୍, ଅଧ୍ୟାପକ, କାର୍ଯ୍ୟକ୍ରମ ଅଧିକାରୀ ଏବଂ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ବିକ୍ରମଦେବ ବିଶ୍ୱବିଦ୍ୟାଳୟ ଏବଂ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର କାର୍ଯ୍ୟକ୍ରମ ଅଧିକାରୀ ଓ ପ୍ରତିଯୋଗୀ ମଧ୍ୟ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଛନ୍ତି। ସିୟୁଟିଏମ୍‌ରୁ ୫୫ ଜଣ ଏବଂ ଅନ୍ୟାନ୍ୟ ଶିକ୍ଷାନୁଷ୍ଠାନରୁ ୧୪୫ ଜଣଙ୍କୁ ମିଶାଇ ମୋଟ ୨୨୦ ଜଣ ପ୍ରତିଯୋଗୀ ଏଥିରେ ସକ୍ରିୟ ଅଂଶଗ୍ରହଣ କରିଛନ୍ତି। ଯୁବପିଢ଼ିଙ୍କ ମଧ୍ୟରେ ସାଇବର ସୁରକ୍ଷା ଏବଂ ନିଶାମୁକ୍ତ ଜୀବନଶୈଳୀକୁ ପ୍ରୋତ୍ସାହିତ କରିବା କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ ବୋଲି ସିୟୁଟିଏମ୍ ପକ୍ଷରୁ କୁହାଯାଇଛି।

## ମହିଳାଙ୍କୁ ଆକ୍ରମଣ

ରଙ୍ଗେଇଲୁଣ୍ଡା,୮।୪(ସମିସ): ଗୋଳନ୍ଥରା ଥାନା ଅଧିନସ୍ଥ ମେଣ୍ଟରାଜପୁର ଗ୍ରାମରେ ଜଣେ ବିଧବା ଘରେ ଶୋଇଥିବା ବେଳେ ଦୁଇ ଜଣ ଯୁବକ ନିଶାଶକ୍ତ ଅବସ୍ଥାରେ ଘରେ ପଶି ଲୁହା ରଡ଼ରେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଗତ ଶୁକ୍ରବାର ମେଣ୍ଟରାଜପୁର ଗ୍ରାମ ଟି.ଲକ୍ଷ୍ମୀ ରେଡ୍ଡୀ ନିଜ ଘରେ ଶୋଇଥିବା ବେଳେ ପାନାପଲ୍ଲୀ ଗ୍ରାମର ଟି. ଭୀମା ରେଡ୍ଡୀ ଓ ଜି. ବାଲୁ ରେଡ୍ଡୀ ମହିଳାଙ୍କ ଘରେ ପଶି ଗାଳିଗୁଲଜ କରିବା ସହ ଲୁହା ରଡ଼ରେ ଲକ୍ଷ୍ମୀଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲେ। ଫଳରେ ଲକ୍ଷ୍ମୀ ଗୁରୁତର ହୋଇଥିଲେ। ଗ୍ରାମବାସୀ ତାଙ୍କୁ ଉଦ୍ଧାର କରି ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଲକ୍ଷ୍ମୀ ସୁସ୍ଥ ହେବାପରେ ବୁଧବାର ଗୋଳନ୍ଥରା ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବାବେଳେ ଆକ୍ରମଣକରୀମାନେ ଫେରାର ଥିବା ଜଣାପଡ଼ିଛି।

## ୧୫ରେ ନିରକ୍ଷଣ ସାଥୀ; ଉପକୃତ ହେବେ ଗର୍ଭବତୀ



ଛତ୍ରପୁର,୮।୪(ସମିସ): ସୁରକ୍ଷିତ ମାତୃତ୍ୱ ନେଇ ଗଞ୍ଜାମ ପ୍ରଶାସନ ପକ୍ଷରୁ ଆରମ୍ଭ ହୋଇଥିବା ନିରକ୍ଷଣ ଯୋଜନା ପାଇଁ କେନ୍ଦ୍ର ସରକାରଙ୍କ ନିକଟରୁ ପୁରସ୍କୃତ ହୋଇଛି। ଗର୍ଭବତୀଙ୍କୁ ୩ଥର ମାଗଣା ଅଲଟ୍ରାସାଉଣ୍ଡ ଯୋଗାଇ ଦିଆଯାଉଛି। ଏହା ବେଶ୍ ସଫଳତା ହାସଲ କରିଛି। କିପରି ଏହି ଯୋଜନା କାର୍ଯ୍ୟକାରୀ କରାଯାଉଛି ସେନେଇ କେନ୍ଦ୍ର ସରକାରଙ୍କ ନୀତି ଆୟୋଗର ବିକ୍ରମ ସିଂହ ନେଗୀ ଓ ସ୍ୱାସ୍ଥ୍ୟ ବିଭାଗର ସୋଭିତ ଗୁପ୍ତା ଚାରି ଦିନିଆ ଗଞ୍ଜାମ ଗସ୍ତରେ ଆସିଛନ୍ତି। କିପରି ଏହା କାର୍ଯ୍ୟକାରୀ ହେଉଛି କଣ ସବୁ ବ୍ୟବସ୍ଥା କରାଯାଇଛି ସେନେଇ ଏହି ଟିମ ପ୍ରଥମେ ଛତ୍ରପୁର ଠାରେ ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନଙ୍କୁ ଭେଟି ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ଘରୋଇ ଅଲଟ୍ରାସାଉଣ୍ଡ କ୍ଲିନିକ ମଧ୍ୟ ଜଣେ ଗର୍ଭବତୀ ତିନି ଥର ମାଗଣାରେ ନିଜର ଅଲଟ୍ରାସାଉ କରିପାରିବ ବୋଲି କୁହାଯାଇଛି। ଗଞ୍ଜାମ ଜିଲ୍ଲା ଏବେ ରୋଲ ମୋଡେଲ ପାଲଟିଛି। ଏପରିକି ଆଗକୁ ମଧ୍ୟ ଜିଲ୍ଲାରେ ଆରମ୍ଭ ହେବାକୁ ଯାଉଛି ନିରକ୍ଷଣ ସାଥି। ଏହା ଆସନ୍ତା ୧୫ ରେ ଆରମ୍ଭ ହେବାକୁ ଲକ୍ଷ୍ୟ ରଖାଯାଇଥିବା ଜିଲ୍ଲାପାଳ କହିଥିଲେ। ପୂର୍ବରୁ ମାଗଣାରେ ଅଲଟ୍ରାସାଉଣ୍ଡ ପ୍ରଦାନ କରାଯାଉଥିଲା। ଏବେ ଦୁର୍ଗମ ଅଞ୍ଚଳରେ ରହୁଥିବା ଗର୍ଭବତୀମାନେ ଯେପରି ସହଜରେ ଏବଂ ବିନା ମୂଲ୍ୟରେ ଡାକ୍ତରଖାନା ପହଞ୍ଚିବେ ସେଥିପାଇଁ ନିରକ୍ଷଣ ସାଥୀ ନାମକ ଏକ ଆପ ପ୍ରସ୍ତୁତ କରାଯାଇଛି। ଅଲଟ୍ରାସାଉଣ୍ଡ ପରୀକ୍ଷା ଏବଂ ପ୍ରସବ ପାଇଁ ଗର୍ଭବତୀମାନେ ଗାଡି ସୁବିଧାରେ ଏବଂ ମାଗଣାରେ ପାଇବେ। ପ୍ରଥମ ପର୍ଯ୍ୟାୟରେ ଜିଲ୍ଲାର ପାତ୍ରପୁର, ଧରାକୋଟ, ସୋରଡା ଭଳି ବ୍ଲକର ୨୫୦ଟି ଦୁର୍ଗମ ଗାଁ ଏହାର ଲାଭ ନେଇପାରିବେ। ଜିଲ୍ଲାରେ ଏହି ସବୁ ଅଞ୍ଚଳରେ ଭଲ ରାସ୍ତା ନଥିବାରୁ ଗର୍ଭବତୀମାନେ ମେଡିକାଲ ଯିବାକୁ ଅସୁବିଧାର ସମ୍ମୁଖୀନ ହେଉଥିଲେ ଏପରିକି ଆମ୍ବୁଲାନ୍ସ ମଧ୍ୟ ପହଞ୍ଚି ପାରୁନଥିଲେ। ସେଠାରେ ଏବେ ନିକଟରେ ଥିବା ଅଟୋ କିମ୍ବା ଯାତ୍ରୀବାହୀ ଗାଡି ଏହି ସେବା ଯୋଗାଇବ। ଗାଡି ଭଡା ଜିଲ୍ଲା ପ୍ରଶାସନ ଖର୍ଚ୍ଚ ପ୍ରଦାନ କରିବ। ପରେ ଏହି ଟିମ୍ ଛତ୍ରପୁର ମେଡିକାଲରେ ପହଞ୍ଚି ସେଠାରେ କିପରି ଅଲଟ୍ରାସାଉ ପ୍ରଦାନ କରାଯାଉଛି କେତେ ସଂଖ୍ୟକ ଏବଂ ଏହି ନିରକ୍ଷଣ ଯୋଜନା କିପରି କାମ କରୁଛି ସେଠାରେ ଉପସ୍ଥିତ ଥିବା ଟେକ୍ନିସିଆନକୁ ପଚାରି ବୁଝିଥିଲେ ଏବଂ ରେର୍କଡ ଯାଞ୍ଚ କରିଥିଲେ। ଏହି ଟିମ ୧୦ ତାରିଖ ପର୍ଯ୍ୟନ୍ତ ରହିବାର କାର୍ଯ୍ୟକ୍ରମ ରହିଛି। ଗଞ୍ଜାମ ଜିଲ୍ଲାରେ କାର୍ଯ୍ୟକାରୀ ହୋଇଥିବା ନିରୀକ୍ଷଣ ଯୋଜନା କିପରି ସାରା ଦେଶରେ କାର୍ଯ୍ୟ କରାଯିବ। ସେଥିପାଇଁ ଏହି ଟିମ ସମସ୍ତ ପ୍ରକାର ତଥ୍ୟ ସଂଗ୍ରହ କରୁଛି। ଛତ୍ରପୁର ମେଡିକାଲକୁ ପରିଦର୍ଶନ ବେଳେ ଗଞ୍ଜାମ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଭବାନୀ ଶଙ୍କର ମିଶ୍ର, ଛତ୍ରପୁର ଉପଖଣ୍ଡ ଚିକିତ୍ସାଧିକାରୀ ଡ.ଅଲେଖ ଚନ୍ଦ୍ର ପ୍ରଧାନ, ଡିପିଏମ ବୁଲୁନାଥ ସାହୁ, ଏସ.କାମେଶ୍ୱର ରାଓ, ଦିଲ୍ଲିପ କୁମାର ପଣ୍ଡା, ମନୋଜ କୁମାର ରାଉତ, ଛତ୍ରପୁର ହସ୍ପିଟାଲ ମ୍ୟାନେଜର ଗଣେଶ ନାହାକ ପ୍ରମୁଖ ଉପସ୍ଥିତ ଥିଲେ।

ବାରମ୍ବାର ଅଟକିଲା ମେମୁ ଟ୍ରେନ୍

# ଷ୍ଟେସନରେ ଭଙ୍ଗାରୁଜା କଲେ ଉତ୍ତ୍ୟକ୍ତ ଯାତ୍ରୀ

ଗଞ୍ଜାମ,୮।୪(ସମିସ):

କଟକ-ପଲାସା ମେମୁରେ ଘରକୁ ଫେରୁଥିଲେ। ହେଲେ ବାଟରେ ଟ୍ରେନ୍ ବାରମ୍ବାର ଅଟକିବା ସହ ମେମୁକୁ ସାଇଡ୍ କରି ଦ୍ରୁତଗାମୀ ଏକ୍ସପ୍ରେସ୍ ଟ୍ରେନକୁ ଛଡ଼ା ଯାଇଥିଲା। ଫଳରେ ଧୈର୍ଯ୍ୟହରା ହୋଇ ଯାତ୍ରୀମାନେ ଷ୍ଟେସନରେ ଭଙ୍ଗାରୁଜା କରିଥିଲେ। ଏଥିରେ ରେଳ କର୍ମଚାରୀମାନେ ଆହତ ହୋଇଛନ୍ତି। ସୋମବାର ରାତିରେ ଗଞ୍ଜାମ ରେଳ ଷ୍ଟେସନରେ ଏଭଳି ଦୃଶ୍ୟ ଦେଖିବାକୁ ମିଳିଥିଲା। ସୋମବାର କାଳବୈଶାଖୀ ପ୍ରଭାବରେ ନିରାକରପୁର ନିକଟରେ ଟ୍ରେନ ଲାଇନ ଉପରେ ଗଛ ପଡ଼ିଯାଇଥିଲା। ଫଳରେ ଟ୍ରେନ୍‌ଗୁଡିକ ବିଳମ୍ବରେ ଯିବାଆସିବା କରିଥିଲା। ଏହି କ୍ରମରେ ଟ୍ରେନ୍‌ନଂ-୬୮୪୪୫ କଟକ-ପାଲାସା ମେମୁ ଗଞ୍ଜାମ ଷ୍ଟେସନରେ ରାତି ୭.୫୩ ମିନଟରେ ପହଞ୍ଚିବା ବଦଳରେ ବିଳମ୍ବିତ ରାତି ୧୧.୪୧ ମିନଟରେ ପହଞ୍ଚିଥିଲା। ଏଠାରେ ପହଞ୍ଚିବା ପୂର୍ବରୁ ହୁମ୍ମା ଷ୍ଟେସନର




୧ ନମ୍ବର ପ୍ଲାଟଫର୍ମ ନିକଟସ୍ଥ ଟ୍ରାକରେ ଅଟକିଥିଲା। ତିନୋଟି ସୁପରଫାଷ୍ଟ ଟ୍ରେନ ଯିବାପରେ ମେମୁ ଟ୍ରେନ ଗଞ୍ଜାମ ଷ୍ଟେସନ ଆସି ପୁଣି ୧ ନମ୍ବର ପ୍ଲାଟଫର୍ମରେ ପହଞ୍ଚି ଅଟକି ରହିଥିଲା। ଏତିକିବେଳେ ଯାତ୍ରୀମାନେ ଜାଣିବାକୁ ପାଇଲେ ଯେ, ପୁଣି ଏକ ଦ୍ରୁତଗାମୀ ଟ୍ରେନ ପୁରୀ-ତିରୁପତି ପାସ୍ କରିବ। ଯାହାକୁ ନେଇ ଟ୍ରେନ୍‌ଯାତ୍ରୀମାନେ ଉତ୍ତ୍ୟକ୍ତ ହୋଇଉଠିଥିଲେ। ଷ୍ଟେସନ ମାଷ୍ଟରଙ୍କ ରୁମ୍‌ରେ ଧସେଇ ପଶି ରେଳ କର୍ମଚାରୀମାନଙ୍କୁ ମାରଧାର କରିବା ସହ ପ୍ରବଳ ହୋହଲ୍ଲା କରିଥିଲେ। ତତ୍‌ସହିତ କବାଟ ଭାଙ୍ଗି ସେଠାରେ ଥିବା ୪ ଗୋଟି ଡିଜାଇନ ଫୁଲଗଛ ଦାନୀକୁ ଭାଙ୍ଗି ଦେଇଥିଲେ। ରେଳଯାତ୍ରୀଙ୍କ ଆକ୍ରମଣରେ ରେଳ କର୍ମଚାରୀ ଟିପି କେ. ନବୀନ ଆହତ ହୋଇଥିବା ଜଣାପଡ଼ିଛି। ଏନେଇ ବିଭଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଥିଲା। ଫଳରେ ପୁରୀ-ତିରୁପତି ଟ୍ରେନ୍ ଆସିବା ପୂର୍ବରୁ ମେମୋ ଟ୍ରେନକୁ ଗଞ୍ଜାମ ଷ୍ଟେସନରୁ ୧୧.୪୮ ମିନିଟ୍‌ରେ ଛଡ଼ାଯାଇଥିଲା।

## ବାଇକ୍ ଦୁର୍ଘଟଣାରେ ଯୁବକ ମୃତ

ଫିରିଙ୍ଗିଆ,୮।୪(ସମିସ): ନିଜ ସନ୍ତାନ ପାଇଁ ଔଷଧ ଆଣିବାକୁ ଯାଇ ଆଉ ଘରକୁ ଫେରିଲେନି ବାପା। ଦୁର୍ଘଟଣାରେ ବାଟରେ ଚାଲିଗଲା ୨୨ ବର୍ଷୀୟ ଯୁବକଙ୍କ ଜୀବନ। ଏଭଳି ଏକ ଅଭାବନୀୟ ଘଟଣା ଫିରିଙ୍ଗିଆ ଅଞ୍ଚଳରେ ଘଟିଛି। ମୃତ ଯୁବକ ଜଣକ ଗଞ୍ଜାମ ଜିଲ୍ଲା ଗୋଳନ୍ଥରା ଥାନା ଶାସନପଦର ନୂଆସାହିର ସୁଶାନ୍ତ କୁମାର ବେହେରା। ବର୍ଷକ ପୂର୍ବେ ସୁଶାନ୍ତ ଫିରିଙ୍ଗିଆ ଥାନା ପବିଙ୍ଗିଆ ପଞ୍ଚାୟତ ବବଡିଙ୍ଗିଆ ଗାଁର ତପୋଇ ଦିଗାଲଙ୍କୁ ପ୍ରେମ ବିବାହ କରି ତାଙ୍କ ଘରେ ରହି ଆସୁଥିଲେ। ମାସକ ପୂର୍ବେ ତାଙ୍କର ଏକ ପୁତ୍ର ସନ୍ତାନ ମଧ୍ୟ ଜନ୍ମ ହୋଇଥିଲା।

ପ୍ରକାଶ ଯେ, ମଙ୍ଗଳବାର ବିଳମ୍ବିତ ରାତିରେ ଶିଶୁର ଦେହ ଖରାପ ହେବାରୁ ଫିରିଙ୍ଗିଆକୁ ଔଷଧ ନେବାକୁ ଆସି ନିଜ ଶଶୁର ଘର ବଡ଼ଙ୍ଗିଆକୁ ବାଇକରେ ଫେରୁଥିବାବେଳେ ଫିରିଙ୍ଗିଆ ନିକଟରେ ଥିବା ପିଏମ୍‌ଶ୍ରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସମ୍ମୁଖରେ ରାସ୍ତା କଡ଼ରେ ଥିବା ଏକ ଆମ୍ବ ଗଛରେ ବାଇକ୍ ଭାରସାମ୍ୟ ହରାଇ ପିଟି ହୋଇଯାଇଥିଲା। ଯୁବକଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଏକ ଆମ୍ବୁଲାନ୍ସରେ ଫିରିଙ୍ଗିଆ ମେଡିକାଲକୁ ଆଣିଥିବା ବେଳେ ଚିକିତ୍ସିତ ଅବସ୍ଥାରେ ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ଖବର ପାଇ ପୁଲିସ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ଫୁଲବାଣୀସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଅଧିକ ତଦନ୍ତ କରୁଛି। ଏସମ୍ପର୍କରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

## ଅଙ୍ଗନବାଡ଼ି କେନ୍ଦ୍ରରୁ ଚୋରି



ବ୍ରାହ୍ମଣୀଗାଁ,୮।୬(ସମିସ): ଦାରିଙ୍ଗବାଡ଼ି ବ୍ଲକ ବ୍ରାହ୍ମଣୀଗାଁ ମୁଖ୍ୟ ରାସ୍ତାକଡ଼ସ୍ଥିତ ବାସୁଦେବପୁର ଅଙ୍ଗନବାଡ଼ି କେନ୍ଦ୍ରରୁ ଗତ ରାତିରେ କେହି ଦୁର୍ବୃତ୍ତ ତାଲା ଭାଙ୍ଗି ୨ ବସ୍ତା ଚାଉଳ, ୨ ଟ୍ରେ ଅଣ୍ଡା, ଗୋଟିଏ ପାଣି ମୋଟର, କାନ୍ଥଘଡ଼ି, ଗୋଟିଏ ଚୁଲି ସହିତ ଗ୍ୟାସ୍ ସିଲିଣ୍ଡର୍ ଚୋରି କରି ନେଇଥିବା ଜଣାଯାଇଛି। ଖବର ପାଇ ପୁଲିସ ପହଞ୍ଚି ଘଟଣାର ତଦନ୍ତ କରୁଛି। ଏଯାଏ କାହାକୁ ଗିରଫ କରାଯାଇନାହିଁ। କେନ୍ଦ୍ର ମୁଖ୍ୟରାସ୍ତା କଡ଼ରେ ଥିଲେ ସୁଦ୍ଧା କୌଣସି ପାଚେରି ନାହିଁ। ଏଥିଯୋଗୁ ଶିଶୁମାନେ ଅସୁରକ୍ଷିତ ଭାବେ ରହିବା ସହ ଦୁର୍ବୃତ୍ତଙ୍କ ଦୃଷ୍ଟି ସହଜରେ ପଡୁଥିବା ଅଭିଯୋଗ ହୋଇଛି।

## ଓଡ଼ିଆ ପକ୍ଷ ପାଳନରେ ରକ୍ତଦାନ ଶିବିର




ପାରଳାଖେମୁଣ୍ଡି,୮।୪(ସମିସ): ଗଜପତି ଜିଲ୍ଲା ପ୍ରଶାସନ ଏବଂ ଭାରତୀୟ ରେଡ୍‌କ୍ରସ ସମିତି ଜିଲ୍ଲା ଶାଖାର ମିଳିତ ଆନୁକୂଲ୍ୟରେ ଓଡ଼ିଆ ପକ୍ଷ ପାଳନ ଅବସରରେ ଜିଲ୍ଲାସ୍ତରୀୟ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରକ୍ତଭଣ୍ଡାରରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଫାଲଗୁନୀ ମାଝୀ ମୁଖ୍ୟଅତିଥି ଭାବରେ ଯୋଗ ଦେଇ ଉଦଘାଟନ କରିଥିଲେ। ଶିବିରରେ ପାରଳାଖେମୁଣ୍ଡି ଉପଜିଲ୍ଲାପାଳ ଅନୁପ ପଣ୍ଡା, ଜିଲ୍ଲାପରିଷଦର ଅତିରିକ୍ତ ନିର୍ବାହୀ ଅଧିକାରୀ ପୃଥ୍ୱୀରାଜ ମଣ୍ଡଳ, ଜିଲ୍ଲା ଅବକାରୀ ଅଧୀକ୍ଷକ ପ୍ରଦୀପ କୁମାର ସାହୁଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଓ କର୍ମଚାରୀ ରକ୍ତଦାନ କରିଥିଲେ। ଏଥିରେ ୩୮ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଶିବିରରେ ଭାରପ୍ରାପ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ସାନ୍ତନୁ କୁମାର ପାତ୍ରୀ ଓ ଜିଲ୍ଲା ଜରୁରୀକାଳୀନ ଅଧିକାରୀ ବିନାୟକ ରାଉଳ ଶିବିର ପରିଚାଳନା କରିଥିଲେ।

## ଜନଗଣନା ତାଲିମ ଶିବିର ଉଦ୍‌ଯାପିତ




କାଶୀନଗର,୮।୩(ସମିସ): କାଶୀନଗର ତହସିଲ କାର୍ଯ୍ୟାଳୟ ସଭାଗୃହରେ ଜନଗଣନା ତାଲିମ ଗତ ମାର୍ଚ୍ଚ ୨୩ ତାରିଖରେ ଆରମ୍ଭ ହୋଇଥିବା ବେଳେ ଆଜି ଶେଷ ହୋଇଛି। ଜନଗଣନା ଅଧିକାରୀ ଦାୟିତ୍ୱରେ ଥିବା ତହସିଲଦାର ସୁଧୀର କୁମାର ନନ୍ଦଙ୍କ ତତ୍ତ୍ୱାବଧାନରେ ତାଲିମ କାର୍ଯ୍ୟକ୍ରମ ଆରମ୍ଭ ହୋଇଥଲା। ୧୨୬ ଜଣ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ନେଇ ଗଣନାକାରୀ ଏବଂ ପର୍ଯ୍ୟବେକ୍ଷକ ଭାବରେ ତାଲିମ ଦିଆଯାଇଥିଲା। ୩ ବ୍ୟାଚ ମାଧ୍ୟମରେ ୧୨୬ ଜଣଙ୍କୁ ତାଲିମ ଦିଆଯାଇଥିଲା। ଦେବାଶିଷ ମାଣ୍ଡାଙ୍ଗୀ ଓ ଜିତେନ୍ଦ୍ର କୁମାର ଗୌଡ଼ ପ୍ରଶିକ୍ଷଣ ଦେଇଥିଲେ। ତାଲିମପ୍ରାପ୍ତ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକମାନେ ସାଧାରଣତଃ ଗଣନାକାରୀ ଓ ଉଚ୍ଚ ବିଦ୍ୟାଳୟ ଶିକ୍ଷକ ପର୍ଯ୍ୟବେକ୍ଷକ ଭାବେ କାର୍ଯ୍ୟ କରିବେ। ଉକ୍ତ ତାଲିମରେ ଏକ ମୋବାଇଲ ଆପ ମାଧ୍ୟମରେ ଜନଗଣନା ଡାଟା ସଂଗ୍ରହ କରାଯିବା ନେଇ ତାଲିମ ଦିଆଯାଇଛି। ଏପ୍ରିଲ ୧୫ରୁ ଜନଗଣନା ପ୍ରକ୍ରିୟା ଆରମ୍ଭ ହେବାକୁ ଥିବାବେଳେ ଜନଗଣନା ଦାୟିତ୍ୱରେ ଥିବା ଗଣନାକାରୀ କର୍ମଚାରୀ ଓ ପର୍ଯ୍ୟବେକ୍ଷକଙ୍କୁ କାଶୀନଗର ସମସ୍ତ ଜନସାଧାରଣ ସହଯୋଗ କରିବା ନେଇ ତହସିଲଦାର ଅନୁରୋଧ କରିଛନ୍ତି।

### ଦୀର୍ଘଦିନର ତପସ୍ୟା ସଫଳ ହେଲା

# ବିଦ୍ୟୁତ୍ ଓ ମୋଟର ବିନା ପାହାଡ଼ରୁ ଆସିଲା ପାଣି

ଜି.ଉଦୟଗିରି,୮।୪(ସମିସ)





ଦୀର୍ଘଦିନର ପରିଶ୍ରମର ଫଳ ଆଜି ମିଳିଛି। ଗ୍ରାମବାସୀଙ୍କ ଅକ୍ଳାନ୍ତ ପରିଶ୍ରମ ଫଳରେ ଆଜି ବିନା ବିଦ୍ୟୁତ୍ ଓ ମୋଟରରେ ପାହାଡ଼ରୁ ପାନୀୟ ଜଳ ଆଣି ଗ୍ରାମର ସମସ୍ୟା ସବୁଦିନ ପାଇଁ ସମାଧାନ ହୋଇପାରିଛି। ସେମିତି ଏକ ଗାଁ ହେଉଛି ଜି.ଉଦୟଗିରି ବ୍ଲକ ରଟିଙ୍ଗିଆ ପଞ୍ଚାୟତର ଆର୍ ପଡିକିଆ। ଦିନକୁ ଦିନ ସମସ୍ତେ ଜଳ ସଂକଟର ସମ୍ମୁଖୀନ ହେଉଛନ୍ତି। ଜଳବାୟୁ ପରିବର୍ତ୍ତନ କାରଣରୁ ଭୂତଳ ଜଳସ୍ତର ହ୍ରାସପାଇବ ସହିତ ନଦୀ, ଝରଣା ଶୁଖିବାକୁ ବସିଛି। ଅନେକ ସମୟରେ ସରକାରଙ୍କ 'ବସୁଧା' ଯୋଜନା ମଧ୍ୟ ଫେଲ୍ ମାରୁଛି। ବିକଳ୍ପ ଭାବେ ପାହାଡ଼ର ଝରଣା ପାଣି ଏକମାତ୍ର ଭରସା ହୋଇଥାଏ।

ସୂଚନା ଅନୁସାରେ, ଜି.ଉଦୟଗିରି ବ୍ଲକ ରଟିଙ୍ଗିଆ ପଞ୍ଚାୟତ ଆର୍.ପଡିକିଆ ଗ୍ରାମରେ ନିଜ ଉଦ୍ୟମରେ ଶ୍ରମଦାନ କରି କାଳିମାହାରୁ ଉତ୍ପତ୍ତି ହୋଇଥିବା ପ୍ରାକୃତିକ ଝରଣାକୁ ନିଜ ଆୟତକୁ ଆଣି ପାରିଛନ୍ତି ଗ୍ରାମବାସୀ। ଦୀର୍ଘବର୍ଷ ହେବ ଏହି ଝରଣା ପାଣି ଅଧା ବାଟରେ ଲୀନ ହେଉଥିବା ବେଳେ ଚଳିତବର୍ଷ ଗ୍ରାମବାସୀ ଏକତ୍ର ହୋଇ ଓ ମଧ୍ୟମ ଫାଉଣ୍ଡେସନର ସହଯୋଗରେ ଘରକୁ ଘର ପାନୀୟ ଜଳ ଯୋଗାଇବା ଏବଂ ୩୪ ଏକର ଚାଷ ଉପଯୋଗୀ ଜଳସେଚନ କରିବା ପାଇଁ ସକ୍ଷମ ହୋଇପାରିଛନ୍ତି। ପୂର୍ବରୁ ଅନେକ ସମୟରେ ଜଳକଷ୍ଟ ଦୂର କରିବା ପାଇଁ ସରକାରଙ୍କ ନିକଟରେ ଗୁହାରି ଜଣାଇଥିଲେ ସୁଦ୍ଧା ସୁଫଳ ମିଳିନଥିବାରୁ ବିକଳ୍ପ ଭାବେ ପାହାଡ଼ରୁ ପାନୀୟ ଜଳ ଆଣିବାକୁ ଯୋଜନା କରିଥିଲେ। ପାଣି ଅଟକାଇ ପାଇପ ଯୋଗେ ଆଣି ଗାଁରେ ପହଞ୍ଚାଇପାରିଛନ୍ତି। ଆଜି ଏହି ପାନୀୟ ଜଳ ଯୋଗାଣ ଯୋଜନା ହୋଇଛି ଶୁଭାରମ୍ଭ। ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସତ୍ୟନାରାୟଣ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଲୋକାର୍ପଣ କରିଛନ୍ତି। ସ୍ଥାନୀୟ ସରପଞ୍ଚ ବିଷ୍ଣୁଦେବ ପ୍ରଧାନ, ଓଡ଼ିଶା ଜୀବିକା ମିଶନର କାର୍ଯ୍ୟକ୍ରମ ପରିଚାଳକ ବିନୋଦ ପ୍ରଧାନ, ଅତିରିକ୍ତ ଉଦ୍ୟାନକୃଷି ଅଧିକାରୀ ସରୋଜ କୁମାର ସାହୁ, ଅତିରିକ୍ତ କୃଷି ଅଧିକାରୀ ପ୍ରିୟଦର୍ଶିନୀ ମଲ୍ଲିକ ଓ ଫାଉଣ୍ଡେସନର ପ୍ରକଳ୍ପ ସଂଯୋଜକ ନାଗେଶ୍ୱର ପାତ୍ର ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ସମାଜସେବୀ ହୃଷୀକେଶ ପ୍ରଧାନ ପରିଚାଳନା କରିଥିବାବେଳେ ସଂସ୍ଥାର ପ୍ରଭାତ ଭୋଇ, ସଚ୍ଚିକାନ୍ତ ସାହୁ, ନିରାକାର ଦିଗାଲ, ସାନୁଜ କୁମାର ପ୍ରଧାନ, ସୁନିଲ କୁମାର ସାହୁ, ଉମେଶ ଚନ୍ଦ୍ର ପ୍ରଧାନ, ରାଜ କୁମାର ପ୍ରଧାନ ଓ ଅନୁପମା ପ୍ରଧାନ ସହଯୋଗ କରିଥିଲେ।

**ଗାଁର ଶୋଷ ମେଣ୍ଟାଇବା ସହିତ ୩୪ ଏକର ଜମିକୁ ଜଳସେଚନ**

## ମୁଣ୍ଡିକୂପା ଜଙ୍ଗଲରୁ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ଫିରିଙ୍ଗିଆ,୮।୪(ସମିସ): କ.ନୂଆଗାଁ ବ୍ଲକ ସାରଙ୍ଗଗଡ଼ ଥାନା ସଲାଗୁଡା ଗାଁ ନିକଟରେ ଥିବା ମୁଣ୍ଡିକୂପା ଜଙ୍ଗଲର ଏକ ଆମ୍ବଗଛରୁ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ପୁଲିସ ଉଦ୍ଧାର କରିଛି। ମୃତ ଯୁବକ ଜଣକ ଫିରିଙ୍ଗିଆ ଥାନା ଉପର ଦଣ୍ଡିକିଆ ଗାଁର କରୁଣାକର କହଁର। ସେ ୧୨ ବର୍ଷ ହେବ କେରଳର ଏକ କମ୍ପାନୀରେ ରହି କାମ କରି ଆସୁଥିଲେ। ବୁଧବାର ସକାଳେ ସଲାଗୁଡାଗାଁର କିଛି ଲୋକ ଜଙ୍ଗଲକୁ କାଠ ଆଣିବାକୁ ଯାଇଥିବାବେଳେ ମୃତଦେହ ଝୁଲୁଥିବା ଦେଖି ପୁଲିସକୁ ଖବର ଦେଇଥିଲେ। ସାରଙ୍ଗଗଡ଼ ଥାନା ଅଧିକାରୀ ସ୍ମିତା ଜେନା ସଦଳବଳ ସାଇଣ୍ଟିଫିକ ଟିମ୍ ସହ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପାଇଁ ବାଲିଗୁଡା ଉପଖଣ୍ଡ ଚିକିତ୍ସାଳୟକୁ ପଠାଇ ଅଧିକ ତଦନ୍ତ କରୁଛି ପୁଲିସ। ଏ ସମ୍ପର୍କରେ ସାରଙ୍ଗଗଡ଼ ଥାନାରେ ଏକ ଅପମୃତ୍ୟୁ ମାମଲା ମଧ୍ୟ ରୁଜୁ କରାଯାଇଛି। ମୃତ ଯୁବକ ଜଣକ ୧୨ ବର୍ଷ ପୂର୍ବେ କାମ କରିବାକୁ କେରଳ ଯାଇ ନିଜ ଘରକୁ ଆସିନଥିବା ବେଳେ ହଠାତ ଏତେ ବର୍ଷ ପରେ ତାଙ୍କ ମୃତଦେହ ଜଙ୍ଗଲରୁ ଝୁଲନ୍ତା ଅବସ୍ଥାରେ ମିଳିବା ସମସ୍ତଙ୍କୁ ଚକିତ କରିଛି। ସେ କେବେ ଆସିଲେ ଓ କିପରି ଏହି ଘଟଣା ଘଟିଲା ତାହା ତଦନ୍ତସାପେକ୍ଷ। ଏହା ଆତ୍ମହତ୍ୟା ନା ତାଙ୍କୁ କିଏ ହତ୍ୟା କରି ଆତ୍ମହତ୍ୟାର ରୂପଦେବାକୁ ଚେଷ୍ଟା କରିଛି ତାହା ସନ୍ଦେହଘେରରେ ରହିଥିବା ବେଳେ ସାଇଣ୍ଟିଫିକ ଟିମର ତଦନ୍ତ ରିପୋର୍ଟ ଏବଂ ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସମସ୍ତ ତଥ୍ୟ ସାମ୍ନାକୁ ଆସିବ ବୋଲି ଥାନା ଅଧିକାରୀ ସ୍ମିତା ଜେନା କହିଛନ୍ତି।

## ୨ ଅନାଥ ଶିଶୁଙ୍କ ଥଇଥାନ ପାଇଁ ଗ୍ରାମବାସୀଙ୍କ ଦାବି

ଫିରିଙ୍ଗିଆ,୮।୪(ସମିସ): ଫିରିଙ୍ଗିଆ ବ୍ଲକ ପଲବ୍ରୁଡ଼ି ପଞ୍ଚାୟତ ଡମପଡ଼ା ଗ୍ରାମର ଦୁଇ ଶିଶୁ ପୁତ୍ର ଅନାଥ ହୋଇ ବେସାହାରା ଜୀବନ ବିତାଉଛନ୍ତି। ଗ୍ରାମର କୃଷ୍ଣଚନ୍ଦ୍ର ଦିଗାଲଙ୍କ ବଡ଼ପୁଅ ୫ ବର୍ଷର ହୋଇଥିବା ବେଳେ ସ୍ତ୍ରୀ ଶାନ୍ତିଲତା ଦ୍ୱିତୀୟ ପୁତ୍ର ଜନ୍ମ କରି ରକ୍ତ ଅଭାବରୁ ମୃତ୍ୟୁବରଣ କରିଥିଲେ। ଜନ୍ମିତ ଶିଶୁପୁତ୍ରକୁ ବର୍ତ୍ତମାନ ୩ ବର୍ଷ ଓ ରାଇକିଆ ଅନାଥ ଆଶ୍ରମରେ ରହିଛନ୍ତି। ବଡ଼ପୁଅ ବର୍ତ୍ତମାନ ବାପାଙ୍କ ପାଖରେ ରହୁଥିଲା। କିନ୍ତୁ ଗତ ମାର୍ଚ୍ଚ ୮ରେ କୃଷ୍ଣଚନ୍ଦ୍ରଙ୍କ ବିଦ୍ୟୁତ୍ ଆଘାତରେ ମୃତ୍ୟୁ ଘଟିଥିଲା। ଫଳରେ ବାପା-ମା'ଙ୍କୁ ହରାଇ ବର୍ତ୍ତମାନ ଦୁଇ ଶିଶୁପୁତ୍ର ଅନାଥ ହୋଇଯାଇଛନ୍ତି। ତାଙ୍କର ନିକଟ ସମ୍ପର୍କୀୟ କେହି ନ ଥିବାରୁ ସାନପୁଅ ରାଇକିଆ ଅନାଥ ଆଶ୍ରମରେ ରହୁଥିବା ବେଳେ ବଡ଼ପୁଅ ସଲାଗୁଡ଼ା ପଞ୍ଚାୟତ ନେଡ଼ିପଦର ଗ୍ରାମରେ ରହୁଥିବା ଅଜା ଶୁକଦେବ ଦିଗାଲଙ୍କ ଘରେ ରହୁଛି। ଏହି ଦୁଇ ଅନାଥ ଶିଶୁଙ୍କ ଦାୟିତ୍ୱ ଜିଲ୍ଲା ପ୍ରଶାସନ ନେବା ସହ ଥଇଥାନ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ସିମନବାଡ଼ିରେ ପଞ୍ଚୁଦଣ୍ଡ ମହାମିଳନ



ଦାରିଙ୍ଗବାଡି,୮।୪(ସମିସ): ଦାରିଙ୍ଗବାଡି ବ୍ଲକ ସିମନବାଡ଼ିରେ ବୁଧବାର ପଞ୍ଚୁଦଣ୍ଡ କମିଟି ପକ୍ଷରୁ ପଞ୍ଚୁଦଣ୍ଡ ମହାମିଳନ ଅନୁଷ୍ଠିତ ହୋଇଯାଇଛି। ଡାଉଙ୍ଗିଆ, କରଣ୍ଡାଗଡ଼,କେଲେମାହା, ଗ୍ରୀନବାଡ଼ି ଓ ତେଜେମାହା ଆଦି ୫ ଦଣ୍ଡ ଦଳର ମହାମିଳନ ହୋଇଥିଲା। ସିମନବାଡ଼ି ବଜାରରେ ଅନୁଷ୍ଠିତ ପଞ୍ଚୁଦଣ୍ଡ ମିଳନରେ ଘଣ୍ଟ, ବାଜା, ମହୁରୀ ଓ ହୁଳହୁଳିରେ ଅଞ୍ଚଳ ପ୍ରକମ୍ପିତ ହୋଇଥିଲା। ହଜାର ହଜାର ସଂଖ୍ୟାରେ ଭକ୍ତଙ୍କ ସମାଗମ ହୋଇଥିଲା। ପରିଚାଳନା କମିଟି ସଭାପତି ଦିଲୀପ ବେହେରା, ଉପସଭାପତି ଜିତେନ୍ଦ୍ର ସାହୁ, ସମ୍ପାଦକ ଲୋକନାଥ ମାଝୀ, ସହସମ୍ପାଦକ ଗିରିଶ ଚନ୍ଦ୍ର ସାହୁ, କୋଷାଧ୍ୟକ୍ଷ ଚିତ୍ତରଞ୍ଜନ ସାହୁଙ୍କ ସମେତ ବିନୋଦ ସାହୁ, ସରୋଜ ସାହୁ, ବିଶ୍ୱଜିତ ଚୌଧୁରୀ, ଚିରରଞ୍ଜନ ପ୍ରଧାନ, ଚିତ୍ତରଞ୍ଜନ ସାହୁ ଓ ସତୀଶ ସାହୁ ସହଯୋଗ କରିଥିଲେ। ୪ ବର୍ଷ ଧରି ପଞ୍ଚୁଦଣ୍ଡ ମହାମିଳନ ଏଠାରେ ଅନୁଷ୍ଠିତ ହୋଇଆସୁଛି।

## ହନୁମାନ ମନ୍ଦିର ପ୍ରତିଷ୍ଠା ଉତ୍ସବରେ ଆଇନ ମନ୍ତ୍ରୀ



ମୋହନା,୮।୪(ସମିସ): ଗଜପତି ଜିଲ୍ଲା ମୋହନା ବ୍ଲକ ମାଣିକପୁର କେଶରୀନଗରସ୍ଥିତ ହନୁମାନ ମନ୍ଦିର ପ୍ରତିଷ୍ଠା ଉତ୍ସବରେ ଯୋଗଦେଇଛନ୍ତି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ମନ୍ତ୍ରୀ ଲୁହାଗୁଡ଼ିରେ ପହଞ୍ଚିବା ପରେ ଜିଲ୍ଲା ପ୍ରଶାସନ ଓ ଦଳୀୟକର୍ମୀ ସ୍ୱାଗତ ଜଣାଇଥିଲେ। ଏହାପରେ ମାଣିକପୁର ହନୁମାନ ମନ୍ଦିରକୁ ପାଛୋଟି ନେଇଥିଲେ। ଯଜ୍ଞରେ ଆହୁତି ଓ ମନ୍ଦିରରେ ପୂଜାର୍ଚ୍ଚନା ପରେ ସାଧାରଣ ସଭାରେ ଯୋଗ ଦେଇଥିଲେ ମନ୍ତ୍ରୀ। ଆଗାମୀ ଦିନରେ ଜିଲ୍ଲାର ବିକାଶ ପାଇଁ ସମସ୍ତ ବ୍ୟବସ୍ଥା କରାଯିବ ବୋଲି ସେ କହିଛନ୍ତି। ମନ୍ତ୍ରୀଙ୍କ ଗସ୍ତ ସମୟରେ ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର, ମୋହନା ବିଧାୟକ ଦାଶରଥି ଗମାଙ୍ଗ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ କାମଦେବ ବଡ଼ନାୟକ ପ୍ରମୁଖ ଯୋଗଦେଇଥିଲେ।

### ● ମା' ଓ ଭାଇଙ୍କୁ ଆକ୍ରମଣ ଘଟଣା

## ଅଭିଯୁକ୍ତକୁ ବର୍ଷେ ସଶ୍ରମ କାରାଦଣ୍ଡ

ଦାରିଙ୍ଗବାଡି, ୮।୪(ସମିସ): ଦାରିଙ୍ଗବାଡ଼ି ପ୍ରଥମ ଶ୍ରେଣୀ ବିଚାରପତି ଶ୍ରେୟା ଶତପଥୀ ମା' ଓ ଭାଇଙ୍କୁ ଆକ୍ରମଣ କରିଥିବା ଅଭିଯୋଗର ବିଚାର କରି ଅଭିଯୁକ୍ତ ପ୍ରତାପ ଚନ୍ଦ୍ର ସାହୁଙ୍କୁ ଦଫା ୩୨୩ରେ ଦୋଷୀ ସାବ୍ୟସ୍ତ କରି ଏକବର୍ଷ ସଶ୍ରମ କାରାଦଣ୍ଡ ଶୁଣାଇଛନ୍ତି। ପ୍ରତାପ ୨୦୨୨ରେ କୌଣସି ଏକ ଘଟଣାରେ ତାଙ୍କ ମା' ଓ ଭାଇଙ୍କୁ ଆକ୍ରମଣ କରିଥିବା ଅଭିଯୋଗ ହୋଇଥିଲା। ଏସମ୍ପର୍କରେ ଏକ ମାମଲା ରୁଜୁ ହୋଇଥିଲା। ଉକ୍ତ ମାମଲାରେ ବିଚାରପତି ଉଭୟ ପକ୍ଷର ଶୁଣାଣି କରି ସାକ୍ଷ୍ୟ ପ୍ରମାଣକୁ ବିଚାର କରି ଏହି ଦଣ୍ଡାଦେଶ ଶୁଣାଇଛନ୍ତି ବିଚାରପତି। ମାମଲାକୁ ସରକାରଙ୍କ ତରଫରୁ ବରିଷ୍ଠ ସରକାରୀ ଓକିଲ ଉମେଶ କର ଓ ପ୍ରଦୀପ କୁମାର ସାହୁ ପରିଚାଳନା କରୁଥିଲେ।

## ମୋହନା ଥାନା ପକ୍ଷରୁ ଖୋଲିଲା ଜଳଛତ୍ର




ମୋହନା,୮।୪(ସମିସ): ଗଜପତି ଜିଲ୍ଲା ମୋହନା ଥାନା ପକ୍ଷରୁ ଜଳ ଛତ୍ର ବ୍ୟବସ୍ଥା କରାଯାଇଛି। ଦିନକୁ ଦିନ ପ୍ରଚଣ୍ଡ ରୌଦ୍ରତାପ ଯୋଗୁ ଲୋକେ ପାଣି ମୁନ୍ଦାଏ ପାଇଁ ତହଳବିକଳ ହେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ଥାନା ପକ୍ଷରୁ ସାଧାରଣ ଲୋକଙ୍କୁ ପାନୀୟ ଜଳ ବ୍ୟବସ୍ଥା ପାଇଁ ଜଳଛତ୍ର ଖୋଲାଯାଇଛି। ମୁଖ୍ୟ ଅତିଥି ଭାବେ ରା.ଉଦୟଗିରି ଏସ୍‌ଡ଼ିପିଓ ରାକେଶ ସାହୁ ଯୋଗଦେଇ ଜଳଛତ୍ରକୁ ଉଦଘାଟନ କରିଛନ୍ତି। ଏହି ଅବସରରେ ଥାନା ଅଧିକାରୀ ଓମ ନାରାୟଣ ପାତ୍ର ଓ ପୁଲିସ କର୍ମଚାରୀ ଉପସ୍ଥିତ ଥିଲେ।

### ଦୀର୍ଘଦିନରୁ ପ୍ରଧାନଶିକ୍ଷକ ଅନୁପସ୍ଥିତ

# ତୁରନ୍ତ ଶିକ୍ଷକ ନିଯୁକ୍ତ ପାଇଁ ବିଇଓଙ୍କୁ ଦାବିପତ୍ର

ଫିରିଙ୍ଗିଆ, ୮।୪(ସମିସ)



ଫିରିଙ୍ଗିଆ ବ୍ଲକ ନୁଆପଦର ପଞ୍ଚାୟତ ଲତପଙ୍ଗିଆ ପ୍ରାଥମିକ ବିଦ୍ୟାଳୟରେ ମାସ ମାସ ଧରି ପାଠ ପଢ଼ାରେ ଅବ୍ୟବସ୍ଥା ଦେଖାଦେଇଛି। ଯାହାକୁ ନେଇ ଗ୍ରାମବାସୀ, ପରିଚାଳନା କମିଟି ଓ ଅଭିଭାବକ ଅସନ୍ତୋଷ ପ୍ରକାଶ କରିଛନ୍ତି। ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ ଓ ପ୍ରଧାନଶିକ୍ଷକ ମାସ ମାସ ଧରି ଅନୁପସ୍ଥିତ ହେବା ସହ ବିଦ୍ୟାଳୟକୁ ଆସୁନଥିବାରୁ ପାଠପଢ଼ା ପ୍ରଭାବିତ ହେଉଛି। ଛାତ୍ରଛାତ୍ରୀ ବିଦ୍ୟାଳୟ ପରିତ୍ୟାଗ ପ୍ରମାଣପତ୍ର ମଧ୍ୟ ପାଇପାରୁନାହାନ୍ତି। ଯାହାକୁ ନେଇ ବାଧ ହୋଇ ପରିଚାଳନା କମିଟି ଓ ଅଭିଭାବକ ମିଶି ଫିରିଙ୍ଗିଆ ଗୋଷ୍ଠୀ ଶିକ୍ଷା ଅଧିକାରୀ ଆଲୋକ କୁମାର ପ୍ରଧାନଙ୍କୁ ଲିଖିତ ଅଭିଯୋଗ କରିଛନ୍ତି।

ସୂଚନା ଅନୁସାରେ, ଲତପଙ୍ଗିଆ ପ୍ରାଥମିକ ବିଦ୍ୟାଳୟରେ ବାଲ୍ୟବାଟିକା ଠାରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ରହିଥିବା ବେଳେ ଦୁଇ ଜଣ ଶିକ୍ଷକ ଅଛନ୍ତି। ପ୍ରଧାନ ଶିକ୍ଷକ ଅନିଲ କୁମାର କହଁର ମାସ ମାସ ଧରି ବିଦ୍ୟାଳୟକୁ ଆସୁନାହାନ୍ତି। ଯାହାଦ୍ୱାରା ଛାତ୍ରଛାତ୍ରୀ ପାଠପଢ଼ାରୁ ବଞ୍ଚିତ ହେଉଛନ୍ତି। ସହକାରୀ ଶିକ୍ଷକ ଜଣକ ବିଦ୍ୟାଳୟକୁ ଦୈନିକ ଆସୁଛନ୍ତି। ବାଲ୍ୟବାଟିକା ଠାରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢ଼ାଉଥିବା ବେଳେ ତାଙ୍କୁ ବିଏଲଓ ଦାୟିତ୍ୱ ପଡିଥିବାରୁ ବିଦ୍ୟାଳୟରେ ଉପସ୍ଥିତ ରହି ପାଠ ପଢ଼ାଇବା ଅସମ୍ଭବ ହୋଇପଡ଼ିଛି। ବିଦ୍ୟାଳୟରେ ବର୍ତ୍ତମାନ ପାଠପଢା ବ୍ୟାହତ ହେବା ସହ ପ୍ରଧାନଶିକ୍ଷକଙ୍କ ଅନୁପସ୍ଥିତ ଯୋଗୁ ତୁରନ୍ତ ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି ସହ ପାଠପଢ଼ା ସ୍ୱାଭାବିକ କରିବା, ବିଦ୍ୟାଳୟ ପରିତ୍ୟାଗ ପ୍ରମାଣପତ୍ର ପାଇବାକୁ ବ୍ୟବସ୍ଥା କରିବାକୁ ଦାବି କରିଛନ୍ତି ଗ୍ରାମବାସୀ। ଏସମ୍ପର୍କରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଆଲୋକ କୁମାର ପ୍ରଧାନଙ୍କୁ ପଚାରିବାରୁ ସମସ୍ୟାର ସମାଧାନ ପାଇଁ ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି।

### ● ୨ ରାଜ୍ୟ ଅବକାରୀ ବିଭାଗର ଚଢ଼ଉ

## ବିପୁଳ ପରିମାଣର ମହୁଲ ପୋଚ, ଦେଶୀ ରନ୍ଧାମଦ ଜବତ



ପାରଳାଖେମୁଣ୍ଡି,୮।୪(ସମିସ): ଗଜପତି ଜିଲ୍ଲା ଅବକାରୀ ବିଭାଗ ଓ ଆନ୍ଧ୍ର ଶ୍ରୀକାକୁଲମ ଜିଲ୍ଲା ଅବକାରୀ ବିଭାଗ ପକ୍ଷରୁ ଆଜି ଜିଲ୍ଲାର ବିଭିନ୍ନ ସ୍ଥାନରେ ମିଳିତ ଅବକାରୀ ଚଢଉ କରାଯାଇଥିଲା। ଗୋଷାଣି ବ୍ଲକ ଗାରାବନ୍ଧ ଥାନା ବଡବୁରୁଝୋଲି ଅଞ୍ଚଳରୁ ୩୪୦ ଲିଟର ଦେଶୀ ରନ୍ଧାମଦ ଜବତ କରାଯାଇଥିବା ବେଳେ ୩୬୦୦ ଲିଟର ମହୂଲ ପୋଚ ଜବତ ହୋଇଥିଲା। ସେହିପରି ସାନବୁରୁଝୋଲି ଗ୍ରାମାଞ୍ଚଳରେ ୨୬୦ ଲିଟର ଦେଶୀ ରନ୍ଧାମଦ ଜବତ କରାଯାଇଥିବା ବେଳେ ୨୮୦୦ ଲିଟର ମହୁଲ ପୋଚ ଜବତ ହୋଇଛି। ଏଥିସହ ଏହି ଟିମ୍ ପାରଳାକେମୁଣ୍ଡି ଆଦର୍ଶ ଥାନା ସିଙ୍ଗିପୁର ଗ୍ରାମାଞ୍ଚଳରେ ଚଢଉ କରି ୪୮୦ ଲିଟର ଦେଶୀ ରନ୍ଧାମଦ ଏବଂ ୪୧୦୦ ଲିଟର ମହୂଲ ପୋଚ ଜବତ କରିଥିଲା। ଚଢ଼ଉରେ ୧୦୮୦ ଲିଟର ରନ୍ଧା ଦେଶୀମଦ ସହ ୧୦ହଜାର ୫୦୦ ଲିଟର ମହୁଲ ପୋଚ ଜବତ କରାଯାଇ ନଷ୍ଟ କରାଯାଇଥିବା ବେଳେ ମଦରନ୍ଧା ସାମଗ୍ରୀ ଏବଂ ମହୁଲପୋଚ ଗଚ୍ଛିତ ସାମଗ୍ରୀକୁ ଜବତ କରାଯାଇଥିବା ଜିଲ୍ଲା ଅବକାରୀ ଅଧୀକ୍ଷକ ପ୍ରଦୀପ କୁମାର ସାହୁ ସୂଚନା ପ୍ରଦାନ କରିଛନ୍ତି। ଚଢ଼ଉରେ ଉଭୟ ଓଡ଼ିଶା ଓ ଆନ୍ଧ୍ର ଶ୍ରୀକାକୁଲମ୍ ଜିଲ୍ଲା ଅବକାରୀ ବିଭାଗର ବହୁ ଅଧିକାରୀ ଓ କର୍ମଚାରୀ ସାମିଲ ହୋଇଥିଲେ।

